ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.257 Bhubaneswar Saturday November 25 2023 | ୨୬ତମ ବର୍ଷ ସଂଖ୍ୟା-୨୫୭ ଭୁବନେଶ୍ୱର, ଶନିବାର, ନଭେମ୍ବର ୨୫, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଓଡ଼ିଆ ଭାଷା ଓ ସଂସ୍କୃତ ଭାଷା ଆଧାରରେ 'ଲକ୍ଷ୍ମୀ ପୁରାଣ' ପରି ପୃଥିବୀର ଜ୍ଞାନକୁ ଲୋକଭାଷାରେ ପରିଣତ କରିବା: ଧର୍ମେନ୍ଦ୍ର ପ୍ରଧାନ



ପୁରୀ, ୨୪।୧୧(ପି.ଏନ): ସାମାଜିକ ସମରସତା, ସ୍ୱଚ୍ଛତା, ମହିଳା ସଶକ୍ତିକରଣ ଏବଂ ଅଧିକାରବାଦ ଲକ୍ଷ୍ମୀ ପୁରାଣର ମୂଳ ଚରିତ୍ର । ସାମ୍ପ୍ରତିକ ସମୟରେ ଏହାକୁ ମନେପକାଇ ଓଡ଼ିଆ ଭାଷା ଓ ସଂସ୍କୃତ ଭାଷା ଆଧାରରେ ପୃଥିବୀର ଜ୍ଞାନକୁ ପ୍ରାସଙ୍ଗିକ କରି ଏହି ପ୍ରକାର ସାହିତ୍ୟକୁ ଲୋକଭାଷାରେ ପରିଣତ କରିବା । ତେବେ ଯାଇ ଏହା ଆମ ସମାଜର ସଂସ୍କୃତ ଭାଷାକୁ ଆଗକୁ ନେଇଥିବା ମହାପୁରୁଷଙ୍କ ପ୍ରତି ସଠିକ୍ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ର ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ ସ୍ଥିତ ଶ୍ରୀ ସଦାଶିବ କ୍ୟାମ୍ପସରେ ତିନିଦିନିଆ 'ଆନ୍ତର୍ଜାତିକ ଲକ୍ଷ୍ମୀ ପୁରାଣ' ଆଲୋଚନାଚକ୍ରର ଉଦଘାଟନୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସଦାଶିବ କ୍ୟାମ୍ପସର ପ୍ରତିଷ୍ଠାତା ମହାମହୋପାଧ୍ୟାୟ ଆଚାର୍ଯ୍ୟ ହରିହର ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କେନ୍ଦ୍ରମନ୍ତ୍ରୀ ଲକ୍ଷ୍ମୀ ପୁରାଣର ବୈଜ୍ଞାନିକ ମହତ୍ତ୍ୱ ଉପରେ କହିଛନ୍ତି ଯେ ଲକ୍ଷ୍ମୀ ପୁରାଣ ଜୀବନରେ ମୋତେ ବହୁତ ପ୍ରଭାବିତ କରିଛି । ଲକ୍ଷ୍ମୀ ପୁରାଣ ଆଜି ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଓ ସାମାଜିକ ନ୍ୟାୟ ଏବଂ ଗରିବ କଲ୍ୟାଣକାରୀ ଏବଂ ନାରୀ ସଶକ୍ତିକରଣ ଯୋଜନାରେ ପ୍ରତିଫଳିତ ହୋଇଛି । ପାଞ୍ଚଶହ ବର୍ଷ ପୂର୍ବରୁ ବଳରାମ ଦାସ ଲକ୍ଷ୍ମୀ ପୁରାଣ ମାଧ୍ୟମରେ ଶ୍ରୀୟା ଚଣ୍ଡାଲୁଣୀର କଥା ଚରିତ୍ରକୁ ବର୍ଣ୍ଣନା କରି ମହିଳା ସଶକ୍ତିକରଣର କଥା କହିଥିଲେ । ସାମାଜିକ ସମରସତା, ଛୁଆଁ ଅଛୁଆଁ ଭେଦଭାବ, ମହିଳା ଅଧିକାର, ନାରୀ ସଶକ୍ତିକରଣ, ଅଧିକାରବାଦ ଏବଂ ସ୍ୱଚ୍ଛ ଭାରତ ଲକ୍ଷ୍ମୀ ପୁରାଣର ସାମାଜିକ ତତ୍ତ୍ୱ ଅଟେ । ଏହା ଥିଲା ସମାଜ ଜୀବନର ନିଚ୍ଛକ ପ୍ରତିଫଳନ । ଅତୀତରେ ମହାତ୍ମା ଗାନ୍ଧୀ ପୁରୀ ଆସି ଦଳିତ ମାନଙ୍କ ମନ୍ଦିର ପ୍ରବେଶ ଅଧିକାର ନ ଥିବାରୁ ଏହାର ବିରୋଧ କରିଥିଲେ । ମାତ୍ର ଗାନ୍ଧିଙ୍କ ଓଡ଼ିଶା ଆସିବାର ପାଖାପାଖି ଅନେକ ବର୍ଷ ପୂର୍ବରୁ ସିଦ୍ଧ ବଳରାମ ଦାସ ଜାତିପ୍ରଥା ବିରୁଦ୍ଧରେ ଶାଣିତ ସ୍ୱର ଉତ୍ତୋଳନ କରିଛନ୍ତି ।ଏହି ଅବସରରେ ସେ କହିଛନ୍ତି ଯେ ସଂସ୍କୃତ ହେଉଛି ବିଶ୍ୱର ବୈଜ୍ଞାନିକ ଭାଷା । କମ୍ପ୍ୟୁଟର କୋଡିଂ ବନାଇବାର ସବୁଠୁ ସୁଗମ ଭାଷା ହେଉଛି ସଂସ୍କୃତ ଭାଷା । ପ୍ରାଚୀନ ସଂସ୍କୃତ ଭାଷା ନିଜ ଭାଷାରେ ପରିପୂର୍ଣ୍ଣ । ବେଦର ଭାଷା ହେଉଛି ସଂସ୍କୃତ ଭାଷା । ବେଦ ଭାଷାରେ ଚିକିତ୍ସା, ନ୍ୟାୟ ଶାସ୍ତ୍ର, ରାଜନୀତି, ସମାଜ ନୀତି, ଇତିହାସ, ମେଟ୍ରୋଲୋଜି ଏବଂ ବେଦବିଦ୍ୟା ସଂସ୍କୃତ ଭାଷାରେ ପ୍ରାଚୀନ କାଳରୁ ଲେଖାହୋଇଛି । ବିଶ୍ୱକୁ ଜ୍ଞାନ ଦେବାର ଶକ୍ତି ସଂସ୍କୃତି ପାଖରେ ଅଛି । ସଂସ୍କୃତ ଭାଷା ଆଗାମୀ ଦିନରେ ଆମ ସମସ୍ତ ଭାଷାର ମାତୃଭାଷା ଭାବରେ କାମ କରିବ । ତେଣୁ ସଂସ୍କୃତ ପାଠପଢ଼ି କେବଳ ଶିକ୍ଷକ ହେବାର ଲକ୍ଷ୍ୟ ନ ରଖି ବିଶ୍ୱକୁ ଦିଗଦର୍ଶନ ଦେବାର ଲକ୍ଷ୍ୟ ରଖିବାକୁ ଶ୍ରୀ ପ୍ରଧାନ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଧ୍ୟାପିକାଙ୍କୁ ପରାମର୍ଶ ଦେଇଛନ୍ତି । ହଜାର ହଜାର ବର୍ଷ ପୂର୍ବରୁ ସାରଳା ଦାସ ସଂସ୍କୃତ ଭାଷାରୁ ଓଡ଼ିଆ ମହାଭାରତ ଲେଖିଥିଲେ । ବଳରାମ ଦାସ ସଂସ୍କୃତ ଭାଷାରୁ ଦାଣ୍ଡି ବା ଜଗମୋହନ ରାମାୟଣ ଲେଖିଥିଲେ । ଜଗନ୍ନାଥ ଦାଶ ଓଡ଼ିଆ ଭାଗବତ ଏବଂ ଅଚ୍ୟୁତାନନ୍ଦ ଦାସ କେଉଁ ଭାଷାରୁ ମାଳିକା ଲେଖିଥିଲେ । ଭାରତ ସରକାର ସେଥିପାଇଁ ସର୍ବବିଦ୍ୟାର ଆଦ୍ୟଗ୍ରନ୍ଥ ବେଦକୁ ଅଧ୍ୟୟନ କରିବା ପାଇଁ ଉଜ୍ଜୟିନୀର ଗୋଟିଏ ଶାଖା ଏଠାରେ ଆରମ୍ଭ ହୋଇଛି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ହିଁ ଭାରତର ସବୁ ସଂସ୍କୃତ ଅନୁଷ୍ଠାନକୁ ମର୍ଯ୍ୟାଦା ଦିଆଯିବା ସହ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କଳ୍ପନା କରାଯାଇଛି । ଜାତୀୟ ଶିକ୍ଷା ନୀତିରେ ସଂସ୍କୃତ ଭାଷା ସହ ସବୁ ଭାରତୀୟ ଭାଷାକୁ ମହତ୍ତ୍ୱ ଦିଆଯାଇଛି । ମୋଦିଜୀଙ୍କ ଶାସନ ପ୍ରଣାଳୀରେ କେବଳ ସଂସ୍କୃତ ନୁହେଁ ବରଂ ସବୁ ଭାଷା ହେଉଛି ରାଷ୍ଟ୍ରୀୟ ଭାଷା । ଭାରତୀୟ ଜ୍ଞାନ ପରମ୍ପରାକୁ ଆଗକୁ ନେବା ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି । ସଂସ୍କୃତ ବିଶ୍ୱବିଦ୍ୟାଳୟର ଏହି ସଦାଶିବ ପରିସର ଏକ ସ୍ୱୟଂସମ୍ପୂର୍ଣ୍ଣ ବିଶ୍ୱବିଦ୍ୟାଳୟ । ଏହି କ୍ୟାମ୍ପସ ଆଗାମୀ ଦିନରେ ଇନୋଭେସନ, ଟେକ୍ନୋଲୋଜି, ଭାଷା ସଂଯୋଗ ସହ ସଂସ୍କୃତ ଓ ବୈଦିକ ଅଧ୍ୟୟନର ଏକ ପ୍ରୟୋଗଶାଳା ହେଉ ଏବଂ ଏଥିପାଇଁ ଭାରତ ସରକାର ସହଯୋଗୀ ପୂର୍ଣ୍ଣ ହେବେ । ଉତ୍କଳୀୟ ପରମ୍ପରା ହେଉଛି ଜଗନ୍ନାଥ ପରମ୍ପରା । ଖ୍ରୀଷ୍ଟଧର୍ମ, ବୌଦ୍ଧ ଧର୍ମ, ଜୈନ ଧର୍ମ , ଶିଖ ଧର୍ମ –ବିଶ୍ୱର ସବୁ ଧାରା-ଉପଧାରାର ମୂଳ "ଧର୍ମଗୁରୁ"ମାନେ ସାଧନା ପାଇଁ ପୁରୀ ଆସିଥିବା ଇତିହାସରେ ପ୍ରମାଣ ରହିଛି । ପୁରୀ ଭାରତ ଜୀବନ ପ୍ରବାହର ସଂସ୍କୃତି, ଭାଇଚାରା ଓ ସମରସତାର ଅନନ୍ୟ ପ୍ରୟୋଗଶାଳା । ପୁରୀ କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ, ମହାପ୍ରଭୁଙ୍କ ଦର୍ଶନର କେନ୍ଦ୍ର ନୁହେଁ । ଏହା ମହାବିଦ୍ୟା, ମହାଜ୍ଞାନ ଓ ମହାସଂସ୍କାରର ପରମ ଶ୍ରୀକ୍ଷେତ୍ର । ଏହାର ମୂଳ ମଞ୍ଜି ପର୍ଯ୍ୟନ୍ତ ଯିବା ଏବଂ ବେଦକୁ ଅଧ୍ୟୟନ କରି ସଂସ୍କୃତ ଭାଷାରେ ଦକ୍ଷତା ଅର୍ଜନ କରିବା ଦରକାର । ଖାରବେଳଙ୍କ ସମୟରୁ କପିଳେନ୍ଦ୍ର ସମୟ ପର୍ଯ୍ୟନ୍ତ ଗଙ୍ଗାରୁ ଗୋଦାବରି ପର୍ଯ୍ୟନ୍ତ ଭାରତ ଭୂଖଣ୍ଡ ମଧ୍ୟରେ କଳିଙ୍ଗ, ଓଡ଼ିଆ ଭାଷା, ଓଡିଆତ୍ୱ, ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କାରର ଆଧିପତ୍ୟ ଥିଲା । ଯେଉଁ ଭୂମିରେ ସାରଳା ଦାସ ମହାଭାରତ ଲେଖିଥିଲେ, ରାମାୟଣର ବର୍ଣ୍ଣନ କରିଥିଲେ, ୧୦୦ ବର୍ଷ ପରେ ଶ୍ରୀଚୈତନ୍ୟଙ୍କ ଆଗମନ ସମୟରେ ଓଡ଼ିଶାରେ ପଞ୍ଚସଖା ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ପଞ୍ଚସଖାଙ୍କ ଧାର୍ମିକ ସାହିତ୍ୟ ମାଧ୍ୟମରେ ସମାଜକୁ ଶିକ୍ଷିତ କରିବାର ପ୍ରଚେଷ୍ଟା, ଆମ ସମାଜର ଐଶର୍ଯ୍ୟ ଓ ଗାମ୍ଭୀର୍ଯ୍ୟର ପରିଚୟକୁ ପ୍ରତିପାଦିତ କରେ । ପୃଥିବୀର ସବୁ ସମାଧାନର ସୂତ୍ର ଆମ ଓଡ଼ିଆ ସାହିତ୍ୟରେ ଅଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଏହି ଅବସରରେ ସନ୍ଥ କବି ବଳରାମ ଦାସଙ୍କ ଦ୍ୱାରା ରଚିତ ମହାଲକ୍ଷ୍ମୀ ପୁରାଣର ସଂସ୍କୃତ ସଂସ୍କରଣ ପୁସ୍ତକର ଉନ୍ମୋଚନ କରିଥିଲେ । ଶ୍ରୀ ଶଦାଶିବ କ୍ୟାମ୍ପସରେ ପାଖାପାଖି ୧୦୦ କୋଟି ଟଙ୍କା ବ୍ୟୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏଥିରେ ୩୬ କୋଟି ବ୍ୟୟରେ ୮ ମହଲା ବିଶିଷ୍ଟ ପ୍ରାଶାସନିକ ଓ ଶୈକ୍ଷିକ ଭବନ, ୨୨ କୋଟି ବ୍ୟୟରେ ୫ ମହଲା ବିଶିଷ୍ଟ ଓ ୩୦୦ କ୍ଷମତାସମ୍ପନ୍ନ ଛାତ୍ରୀନିବାସ, ୨୮ କୋଟି ବ୍ୟୟରେ ୩୦୦ ଜଣ କ୍ଷମତା ସମ୍ପନ୍ନ ଛାତ୍ରାବାସ ସହ , ୭ କୋଟି ବ୍ୟୟରେ ୫ ମହଲା ବିଶିଷ୍ଟ ଅତିଥି ଭବନ, ଷ୍ଟାଫ୍ କ୍ୱାଟର ଓ ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ବଳକା ୭ କୋଟି ଅର୍ଥ ବ୍ୟୟବରାଦ ହୋଇଛି । ଏହି ଆନ୍ତର୍ଜାତିକ ଆଲୋଚନା ଚକ୍ରରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଆଇଟିଡିସିର ଅଧ୍ୟକ୍ଷ ସମ୍ବିତ ପାତ୍ର, ବ୍ରହ୍ମଗିରି ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ଶିକ୍ଷା ମନ୍ତ୍ରଣାଳୟର ଭାରତୀୟ ଭାଷା ସମିତିର ଅଧ୍ୟକ୍ଷ ପଦ୍ମଶ୍ରୀ ଚମ୍ମୁକୃଷ୍ଣଶାସ୍ତ୍ରୀଙ୍କ ସମେତ ବିହାର କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି, ଶତାଧିକ ଛାତ୍ରଛାତ୍ରୀ ଏବଂ ଅନ୍ୟ ବିଶିଷ୍ଟ ବିଶେଷମାନେ ଯୋଗ ଦେଇଥିଲେ ।

Kalinga Institute of Social Sciences
Deemed to be University
(Established U/S 3 of UGC Act, 1956), Bhubaneswar, Odisha, India
Accredited by NAAC
KISS
KALINGA INSTITUTE OF SOCIAL SCIENCES

3rd Annual Convocation
Date: 25th November 2023 (Saturday)




Chief Guest
Shri Raghubar Das
Hon'ble Governor of Odisha

Guest of Eminence
Shri B. B. Harichandan
Hon'ble Governor of Chhattisgarh
(He will also receive Honoris Causa Degree)



Convocation Address by
Shri Amitabh Kant
G20 Sherpa, Govt. of India & Former CEO, NITI Aayog, New Delhi



Conferment of Honoris Causa Degrees on:
H.H. Pujya Swami Chidanand Saraswatiji
President and Spiritual Head of Parmarth Niketan Ashram, Rishikesh

Guest of Honour
Dr. Ricky G. Kej
Internationally Renowned Indian Music Composer & 3 Times Grammy Award Winner

Mr. Sopnendu Mohanty
Chief FinTech Officer, Monetary Authority of Singapore (MAS) and Chairman of the Board of Elevandi, Singapore

Mr. Satya S. Tripathi, Chancellor, KISS-DU
(Former Assistant Secretary-General of the United Nations)
will preside over the ceremony

Venue: KIIT Convention Centre, Campus - 6, Bhubaneswar
Watch live on Kalinga TV from 10.00 a.m. onwards
Only Fully Free and Residential University in the World Exclusively for Tribal Students

## ଓଡିଶାରେ ପ୍ରଥମ: ଜେଲ ବିଭାଗରେ କାର୍ଯ୍ୟକାରୀ ହେବ 'ପ୍ରିଜନ୍ ମ୍ୟାନେଜମେଣ୍ଟ ସିଷ୍ଟମ', ଖସି ପାରିବେନି କଏଦୀ

ଭୁବନେଶ୍ୱର, ୨୪।୧୧(ପି.ଏନ): ରାଜ୍ୟର ବିଭିନ୍ନ ଜେଲରେ ବନ୍ଦୀ ଜୀବନ ବିତାଉଥିବା କଏଦୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । କଏଦୀଙ୍କ ପ୍ରତିଭାର ପ୍ରଦର୍ଶନ ପାଇଁ ଜେଲରେ ରେଡିଓ ଜକି ଖୋଲିବା ପାଇଁ ନିକଟରେ ନିଷ୍ପତ୍ତି ନିଆଯାଇଥିଲା । ରାଜଧାନୀର ଝାରପଡାରେ ରେଡିଓ ଷ୍ଟେସନ ଖୋଲିବା ନେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଥିଲା । ପୂର୍ବରୁ କଏଦୀଙ୍କ ଗୋଡରେ ଜିପିଏସ ଲାଗିବା ନେଇ ଯୋଜନା କରାଯାଇଥିବା ବେଳେ ପୁଣି ଏକ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି । ବଡ ବଡ ବିକଶିତ ଦେଶମାନଙ୍କ ଭଳି ଓଡିଶାର ଜେଲଗୁଡିକରେ ପ୍ରିଜନ ମ୍ୟାନେଜମେଣ୍ଟ ସିଷ୍ଟମ ବା ଜେଲ ପରିଚାଳନା ବ୍ୟବସ୍ଥା ଲାଗୁ ହେବ । ପ୍ରଥମ ଥର ପାଇଁ ରାଜ୍ୟରେ ଏହି ବ୍ୟବସ୍ଥା ଲାଗୁ ହେବାକୁ ଯାଉଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଝାରପଡା ଓ ଚୌଦ୍ୱାର ଜେଲରେ ଏହାକୁ ଆରମ୍ଭ କରାଯିବ । ଏନେଇ ପ୍ରସ୍ତୁତି ପ୍ରକ୍ରିୟା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି ।ଏହି ବ୍ୟବସ୍ଥାରେ ଏକ ସଫ୍ଟୱେୟାର ଆପ୍ଲିକେସନରେ ସମସ୍ତ କଏଦୀଙ୍କ କୁଣ୍ଡଳୀ ରହିବ । ତାହାକୁ କେହି ଡିଲିଟ୍ କି ହ୍ୟାକ୍ କରିପାରିବେ ନାହିଁ । ଭିନ୍ନ ଭିନ୍ନ କଏଦୀଙ୍କ ନାମ ସମାନ ହେଲେ ମଧ୍ୟ ଭୁଲରେ ବି କେହି ଖସି ପାରିବେ ନାହିଁ । ପୂର୍ବରୁ ସମାନ ନାମ ଥାଇ ଜଣଙ୍କୁ ଜାମିନ ହୋଇଥିବା ବେଳେ ସମାନ ନାମଧାରୀ ଅନ୍ୟ ଜଣେ ଅଭିଯୁକ୍ତ ଖସି ପଳାଉଥିଲେ । ମାତ୍ର ଏହି ବ୍ୟବସ୍ଥା ଲାଗୁ ହେବା ଫଳରେ ଆଉ କେହି ଖସି ପାରିବେ ନାହିଁ । ଏହି ଆପ୍ଲିକେସନକୁ ସ୍ୱତନ୍ତ୍ର ଆଇଡି ଓ ପାସୱାର୍ଡ ଦେଇ ରଖାଯିବ । ସେଥିରେ କଏଦୀଙ୍କ ନାମ, ଠିକଣା, ଅପରାଧ ରେକର୍ଡ, ଦଣ୍ଡ ଆଦି ସମସ୍ତ ତଥ୍ୟ ରହିବ । ଏଥିସହିତ ପେଶାଦାର ଅପରାଧୀ, ଠକ, ଗ୍ୟାଙ୍ଗଷ୍ଟରଙ୍କ ଦଣ୍ଡ ବିଷୟରେ ମଧ୍ୟ ସେଥିରେ ଉଲ୍ଲେଖ ରହିବ ।

## ମହାମହିମ ରାଷ୍ଟ୍ରପତିଙ୍କ ପାରାଦୀପ ଗସ୍ତକୁ ନେଇ ପାରାଦୀପ ଚଳଚଂଚଳ ପାରାଦୀପ

ପାରାଦୀପ, ୨୪।୧୧(ପି.ଏନ) : ଆସନ୍ତା ସୋମବାର ଦିନ ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ହେବାକୁ ଥିବା ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେବେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏଥି ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ଯିବା ଆସିବା ରାସ୍ତାର ମରାମତି ସହିତ ରାସ୍ତାକଡରେ ବ୍ୟାରିକେଟ୍ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି । ପାରାଦୀପ ନୂଆବଜାରସ୍ଥିତ ଗୋପବନ୍ଧୁ ଷ୍ଟାଡିୟମ୍ ପରିସରରେ ମହାମହିମ ରାଷ୍ଟ୍ରପତିଙ୍କ ହେଲିକ୍ୟାପ୍ଟର ଓହ୍ଲାଇବ । ସେଠାରୁ ସେ କାରକେଡ୍‌ରେ ବଡପଡିଆ ବସ୍‌ଷ୍ଟାଣ୍ଡ ଦେଇ ଚାରି ନମ୍ବର ଗେଟ୍ ମଧ୍ୟରେ ପ୍ରବେଶ କରିବେ । ସେଠାରେ ମେରାଇନ୍ ସାଇଟ୍ ଅଫିସ୍‌ରେ ପହଂଚି ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେବେ । ସେଠାରୁ ନେହେରୁ ବଙ୍ଗଳା ଯାଇ ମତ୍ସ୍ୟଜୀବୀମାନଙ୍କ ସହିତ ଆଲୋଚନା ଓ ମଧ୍ୟାହ୍ନ ଭୋଜନ ସାରି ହେଲିପ୍ୟାଡ୍‌କୁ ଫେରିବେ । ଏଥି ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଲାଣି । ମହାମହିମ ରାଷ୍ଟ୍ରପତିଙ୍କ ଗସ୍ତ ଉପଲକ୍ଷେ ସୁରକ୍ଷା ଦୃଷ୍ଟିରୁ ବଡପଡିଆସ୍ଥିତ ପାରାଦୀପ ବସଷ୍ଟାଣ୍ଡକୁ ସାମୟିକ ଭାବେ ସ୍ଥାନାନ୍ତରିତ କରାଯିବ । ଆଜି ଠାରୁ ପାରାଦୀପକୁ ଯାତାୟତ କରୁଥିବା ସମସ୍ତ ବସ୍ ପାରାଦୀପ ବସ୍‌ଷ୍ଟାଣ୍ଡକୁ ନଆସି ସବଷ୍ଟେସନ୍ ଛକ ଦେଇ ମଧୁବନସ୍ଥିତ କ୍ୟାବିନ ମାର୍କେଟ,ଶ୍ରମିକ ଭବନ ପାଖରେ ରହିବେ । ଏଥି ପାଇଁ ପୂର୍ବରୁ ପାରାଦୀପ ଘରୋଇ ବସ୍ ମାଲିକ ସଂଘକୁ ପାରାଦୀପ ବନ୍ଦର ପକ୍ଷରୁ ସୂଚନା ଦିଆଯାଇଥିଲା । ଏବଂ ବସ୍ ମାଲିକ ସଂଘ ପକ୍ଷରୁ ଆବଶ୍ୟକୀୟ ସୂଚନା ଜାରି କରାଯାଇଥିଲା । ଏହି ଅସ୍ଥାୟୀ ବସ୍ ରହଣୀ ସ୍ଥଳରେ ଆବଶ୍ୟକୀୟ ପାନୀୟ ଜଳ ଯୋଗାଣରେ ବିଭ୍ରାଟ ହେଉଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ସଂଘର ସଭାପତି ରଶ୍ମୀରଂଜନ ପରିଡ଼ା ।

## ଚଢ଼ାଉ ବେଳେ ପୁଲିସ ବାବୁଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଦେଲେ ବାଲି ମାଫିଆ

ଭୁବନେଶ୍ୱର,୨୪।୧୧(ପିଏନ):ମାତିଛନ୍ତି ବାଲି ମାଫିଆ। ପୁଲିସକୁ ମଧ ଛାଡି ନାହାନ୍ତି। ଦିନ ଦ୍ୱିପହରେ ଚଢ଼ାଉ କରିବାକୁ ଯାଇଥିବା ପୁଲିସ ଟିମ୍‌କୁ ଟ୍ରକ୍ଟରରେ ଦଳି ଦେଇଛନ୍ତି। ଫଳରେ ଜଣେ ଥାନା ଅଧିକାରୀ ମୃତ୍ୟୁ ହୋଇଛି। ଏଥିସହ ଜଣେ ହୋମଗାର୍ଡ ଗୁରୁତର ହୋଇଛନ୍ତି। ଏଭଳି କିଛି ଘଟଣା ଘଟିଛି ବିହାରରେ।ବିହାରକୁ ପୁଣି ଫେରିଛି ଜଙ୍ଗଲରାଜ। ଏଠାକାର ଜମୁଇ ଜିଲ୍ଲା ଗରହି ଥାନା ଅଞ୍ଚଳରେ ମଙ୍ଗଳବାର ସକାଳେ ଦ୍ରୁତଗତିରେ ଏକ ଟ୍ରାକ୍ଟର ଆସି ପୁଲିସ ଟିମ୍‌କୁ ଦଳି ଦେଇଛି। ଫଳରେ ଗରହି ଥାନା ଅଧିକାରୀ ପ୍ରଭାତ ରଞ୍ଜନଙ୍କ ମୃତ୍ୟୁ ହୋଇଛି। ସେହିପରି ଆଉ ଜଣେ ହୋମଗାର୍ଡ ଆହତ ହୋଇଛନ୍ତି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଆଦିବାସୀଙ୍କ ଜମି ଅଧିକାର ଆଇନ ପ୍ରତ୍ୟାହାର ଦାବିରେ ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ



ଭୁବନେଶ୍ୱର, ୨୪।୧୧(ପି.ଏନ) : ରାଜ୍ୟ ସରକାର ଅନୁସୂଚୀତ ଜାତି ଓ ଜନଜାତିଙ୍କ ସ୍ୱାର୍ଥପ୍ରତି ଉଦାସୀନ ରହିଛନ୍ତି । ନିକଟରେ ନଭେମ୍ବର ୧୪ ତାରିଖରେ କ୍ୟାବିନେଟ୍ ନିଷ୍ପତିରେ ଓଡ଼ିଶା ତଫସିଲ ଭୁକ୍ତ ଅଂଚଳ ଅସ୍ଥାବର ସଂପତି ହସ୍ତାନ୍ତର (ଓସାଟିପ) ନିୟମ ୧୯୯୬ରେ ସଂଶୋଧନ ଏକ ଦୃଷ୍ଟାନ୍ତମୂଳକ ପ୍ରମାଣ। ଅଣଅନୁସୂଚୀତ ଜନଜାତି ଜମି ହସ୍ତାନ୍ତର ପାଇଁ କ୍ୟାବିନେଟ୍‌ର ନିଷ୍ପତି ଆର୍ଥିକ ଅସୁବିଧା ଏବଂ ଦୁଃଖକୁ ଆମନ୍ତ୍ରଣ କରିବ। ରାଜ୍ୟର ମୋଟ ଜନସଂଖ୍ୟାର ୨୨.୫ ପ୍ରତିଶତରୁ ଅଧିକ ହେଉଛନ୍ତି ଆଦିବାସୀ ବର୍ଗ। ଆଦିବାସୀଙ୍କ ଜମି ଅଧିକାରକୁ ପ୍ରତ୍ୟାଖାନ ନିଷ୍ପତି ସଂପୂର୍ଣ୍ଣ ବେଆଇନ୍। ରାଜ୍ୟ ସରକାରଙ୍କ ଦ୍ୱାରା ସମାନ ପଦକ୍ଷେପକୁ ୨୦୧୦ ରେ ମହାମହିମ ରାଷ୍ଟ୍ରପତି ପ୍ରତ୍ୟାଖାନ କରିଥିଲେ। ଓଡ଼ିଶା ଅନୁସୂଚୀତ ଅଂଚଳ ଅସ୍ଥାବର ସଂପତି ହସ୍ତାନ୍ତର (ଓସାଟିପ) ସଂଶୋଧନକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ନମିଳିବା ସତ୍ୱେ ଉକ୍ତ ନିୟାମିକ ସରକାର ଆଦିବାସୀ ବିରୋଧିନୀତି ଅବଲମ୍ବନ ନ କରିବା ବାଟରୁ ଓହରୁ ନାହାଁନ୍ତି। ଉପା-୧ ଏବଂ ଉପା-୨ ସରକାର ସମୟରେ ଭାରତ ବର୍ଷର ଆଦିବାସୀ ବର୍ଗଙ୍କ ଜମିର ସ୍ୱାର୍ଥରକ୍ଷା କରିବା ନିମନ୍ତେ ଜଙ୍ଗଲ ଜମି ଅଧିଗ୍ରହଣ ନିୟମ ୨୦୦୬ ଏବଂ ୨୦୧୩ ମସିହାରେ ଜମି ଅଧିଗ୍ରହଣ ଆଇନ ପୁନର୍ବାସ ଓ ଥଇଥାନ ଆଇନ ଅଣାଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ବିଜୁ ଜନତା ଦଳ ସରକାର ଆଦିବାସୀ ମାନଙ୍କ ଜମିକୁ ଅଣଆଦିବାସୀ ମାନେ କିଣିପାରିବେ ବୋଲି କ୍ୟାବିନେଟ ବୈଠକରେ ନିଷ୍ପତି ଅତ୍ୟନ୍ତ ହାସ୍ୟାସ୍ପଦ ଏ ସରକାର ଆଦିବାସୀ ମାନଙ୍କ ବିରୋଧି। ଏହି ନିଷ୍ପତିକୁ ସଂପୂର୍ଣ୍ଣଭାବେ ରଦ୍ଦ କରବାପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଆଜି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଏକ ପ୍ରତିନିଧି ଦଳ ମହାମହୀମ ରାଜ୍ୟପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ରାଜ୍ୟରେ ଆଦିବାସୀ ବର୍ଗଙ୍କ ସ୍ୱାର୍ଥ ରକ୍ଷା କରିବାପାଇଁ ତୁରନ୍ତ ପେଷା ଆଇନ-୧୯୯୬କୁ ଲାଗୁ କରାଯାଉ।ଏ ସରକାର ଆଦିବାସୀ ଏବଂ ଅନୁସୂଚିତ ଜାତିଙ୍କ ଘୋର ବିରୋଧି ବୋଲି ତାଳଚେର ମେଡିକାଲ କଲେଜରେ ଯେଉଁ ନିଯୁକ୍ତି ପ୍ରଦାନ କରାଗଲା ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି। ସମସ୍ତ ସାମ୍ବିଧାନିକ ଆଇନକାନକୁ ଏ ସରାକରର ତିଳେମାତ୍ର ଭ୍ରୁକ୍ଷେପ ନାହିଁ। ରାଜ୍ୟରେ ଆଦିବାସୀ ଓ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ଲାଗୁହୋଇଥିବା ସଂରକ୍ଷଣ ନୀତିକୁ ଏହି ମେଡିକାଲ କଲେଜର ନିଯୁକ୍ତି ବେଳେ ସଂପୂର୍ଣ୍ଣ ଅଣଦେଖା କରାଗଲା। ଫଳରେ ଉଚ୍ଚଶିକ୍ଷିତ ଆଦିବାସୀ ଯୁବକ ଯୁବତୀ ଏବଂ ଅନୁସୂଚିତ ଜାତିର ଶିକ୍ଷିତ ଯୁବକଯୁବତୀ ନିଯୁକ୍ତି ପାଇବାରୁ ବଂଚିତ ହେଲେ। ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଜାଣିସୁଣି ଏଭଳି ବେଆଇନ କାମକୁ ପ୍ରୋତ୍ସାହିତ କଲେ। ତାଳଚେରର ମେଡିକାଲ କଲେଜକୁ ମହାନଦୀ କୋଲଫିଲ୍ଡ ଯାହାକି ଏକ କେନ୍ଦ୍ରୀୟ ଉଦ୍ୟୋଗ ସ୍ଥାପନ କରିଛନ୍ତି । ତେଣୁ କିଭଳି କେନ୍ଦ୍ର ସରକାରଙ୍କର ଅଧିକାରୀ ବୃନ୍ଦ ଆଦିବାସୀ ଓ ଅନୁସୂଚିତ ଜାତିଙ୍କ ସ୍ୱାର୍ଥକୁ ଅଣଦେଖା କଲେ ଉଭୟ ବିଜେପି ଓ ବିଜେଡ଼ି ଆଦିବାସୀ ଓ ଅନୁସୂଚିତ ଜାତି ବର୍ଗଙ୍କର ଘୋର ବିରୋଧି। ସମ୍ବିଧାନର ପଂଚମ ଅନୁଚ୍ଛେଦ ଅନୁସାରେ ମହାମହୀମ ରାଜ୍ୟପାଳଙ୍କର ଆଦିବାସୀ ଓ ଅନୁସୂଚିତ ଜାତିବର୍ଗଙ୍କର ସ୍ୱାର୍ଥ ରକ୍ଷା କରିବାପାଇଁ ସାମ୍ବିଧାନିକ ଦାୟୀତ୍ୱ ରହିଛି। ତେଣୁ ମହାମହୀମ ରାଜ୍ୟପାଳ ଓଡ଼ିଶା ସରକାରଙ୍କର ଆଦିବାସୀ ବିରୋଧି ନିଷ୍ପତିକୁ ତୁରନ୍ତ ଖାରଜ କରାନ୍ତୁ।

## ପରୀକ୍ଷାରେ ମୁଣ୍ଡ ଘୋଡଣୀ ବ୍ୟାନ୍, କିନ୍ତୁ ହିଜାବ ଉପରେ ଲାଗିନି କୌଣସି ରୋକ୍ ?

କର୍ଣ୍ଣାଟକ, ୨୪।୧୧(ପି.ଏନ): କର୍ଣ୍ଣାଟକା ପରୀକ୍ଷା ପ୍ରାଧିକରଣ (କେଇଏ) ବିଭିନ୍ନ ବୋର୍ଡ ଓ ନିଗମ ପାଇଁ ନିଯୁକ୍ତି ପରୀକ୍ଷା ସମୟରେ ପରୀକ୍ଷା ହଲରେ ସମସ୍ତ ପ୍ରକାରର ହେଡ୍ କଭର ଉପରେ ପ୍ରତିବନ୍ଧକ ଲଗାଯାଇଛି। କିନ୍ତୁ ନିଯୁକ୍ତି ପରୀକ୍ଷା ବେଳେ ହିଜାବ ଉପରେ କୌଣସି ବ୍ୟାନ ଲାଗିବ ନାହିଁ ବୋଲି କର୍ଣ୍ଣାଟକା ଉଚ୍ଚ ଶିକ୍ଷାମନ୍ତ୍ରୀ ଏମସି ସୁଧାକର ସ୍ପଷ୍ଟ କରିଛନ୍ତି ।ପରୀକ୍ଷାରେ କପି ରୋକିବା ପାଇଁ କେଇଏ ପକ୍ଷରୁ ଆଜି ମୁଣ୍ଡ ଘୋଡଣୀ ଉପରେ ବ୍ୟାନ ଲଗାଯାଇଥିଲା। ପରୀକ୍ଷା ବେଳେ ଆଶାୟୀମାନେ ବ୍ଲୁଥୁଟର ବ୍ୟବହାର କରୁଥିବାରୁ କେଏଇ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଥିଲା। ସମସ୍ତ ପ୍ରକାରର ମୁଣ୍ଡ ଘୋଡଣୀ ଉପରେ ରୋକ ଲଗାଯାଇଥିବାରୁ ହିଜାବ ଉପରେ ମଧ୍ୟ କଟକଣା ଲାଗିଥିବା ଚର୍ଚ୍ଚା ହେଉଥିଲା। ଏହାକୁ ବିଭିନ୍ନ ମହଲରେ ମଧ୍ୟ ନିନ୍ଦା କରାଯାଇଥିଲା।

## ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ କର୍ମଶାଳା

ପାରାଦୀପ, ୨୪।୧୧(ପି.ଏନ): ପାରାଦୀପସ୍ଥିତ ଭାରତୀୟ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ-୭ ପକ୍ଷରୁ ଆଂଚଳିକସ୍ତରୀୟ ପ୍ରଦୂଷଣ ନିୟନ୍ତ୍ରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଏହି କର୍ମଶାଳା ଗୁରୁବାର ଦିନ ଉଦଯାପିତ ହୋଇଥିଲା । ଜିଲ୍ଲା ମୁଖ୍ୟାଳୟ-୭ର ଡିଆଇଜି ଯଶୋବନ୍ତ କୁମାର ସିଂ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ । ସାମୁଦ୍ରିକ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ ତଟରକ୍ଷୀ ବାହିନୀ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି । ସାମୁଦ୍ରିକ ଜଳରାଶିରେ ବିଭିନ୍ନ ସମୟରେ ଜାହାଜ ଓ ଅନ୍ୟ ଯାନ୍ତ୍ରିକ ବୋଟ୍ ମଧ୍ୟରୁ ତେଲ ନିର୍ଗତ ହୋଇ ପ୍ରଦୂଷଣ ସୃଷ୍ଟି ହୋଇଥାଏ । ଏହି ପ୍ରଦୂଷଣର ପ୍ରଭାବ ସାମୁଦ୍ରିକ ଜୀବଙ୍କ ଉପରେ ପଡିବା ସହିତ ଉପକୂଳ ମଧ୍ୟ ପ୍ରଦୂଷିତ ହୋଇଥାଏ । ଏହି ପ୍ରଦୂଷଣକୁ କିପରି ରୋକା ଯାଇପାରିବ ସେ ସମ୍ପର୍କରେ ଏହି ତିନି ଦିନିଆ କର୍ମଶାଳାରେ ଆଲୋଚନା କରାଯାଇଥିଲା ।






# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଂଟାର ନୀଦ ପୂରା କରିବା ଉଚିତ୍ ।

# ପୁରାଣ କାହାଣୀ

## ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର



ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷାଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ। ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି।

ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା। ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରାତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ।

ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ। ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ। ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ। ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୂ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ। ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ। ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୁରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ। ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ। ଚନ୍ଦ୍ରଶେଖର ଯେଉଁସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଉଲମ୍ବିଚକ୍ର'।

ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ରଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ ଲେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥିପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍ସନ୍ ମଞ୍ଜୁର କରିଥିଲେ। ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।

# ଅଶୁଭ ମେ' ଅଣତିରିଶ



ଚାହୁଁ ଚାହୁଁ ଦଶବର୍ଷ ବିତି ଗଲାଣି । ସେଥର ମଧ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ବର୍ଷ ପରି ବିଦେଶ ଗସ୍ତରେ ଯାଇଥାଆନ୍ତି । ନିଜର ବ୍ୟକ୍ତିଗତ ସହାୟକ ପାଣ୍ଡିଆନଙ୍କ ସହିତ ସେ ଯାଇଥାଆନ୍ତି ଇଂଲଣ୍ଡ ଗସ୍ତ କରିବା ପାଇଁ । କ୍ଷମତାକୁ ଆସିଲା ପରେ (ମାର୍ଚ୍ଚ ୫, ୨୦୦୦) ତାହା ଥିଲା ତାଙ୍କର ପ୍ରଥମ ବିଦେଶ ଗସ୍ତ । ସେ କ'ଣ ଜାଣିଥିଲେ ତାଙ୍କର ଅନୁପସ୍ଥିତିରେ ସୁଯୋଗ ନେଇ ରାଜ୍ୟରେ ତାଙ୍କୁ ପଦଚ୍ୟୁତ କରିବାର ଏକ ପ୍ରୟାସ ହୋଇଯିବ ?

ଆଜି ବିଦେଶ ଗସ୍ତରେ ଦ୍ୱିତୀୟ ଥର ଯିବା ସମୟରେ ସେହି ଅଶୁଭ କାଳରାତ୍ରୀ ମେ' ୨୯, ୨୦୧୨ର କଥା ତାଙ୍କର ନିଶ୍ଚୟ ମନେପଡୁଥିବ। ନବୀନଙ୍କ କ୍ଷମତାକୁ ଆସିବାର ଦ୍ୱାଦଶ ବର୍ଷ ଚାଲିଥାଏ । ସେଦିନ ଭୁବନେଶ୍ୱରର ସଂଧ୍ୟା ସମୟ । ଭୀଷଣ ଗରମ ପଡିଥାଏ ଚଳିତ ବର୍ଷ ପରି । ସଂଜ ବେଳେ ଅସରାଏ ବର୍ଷା। ହୋଇ ପାଗରେ ଶୀତଳତା ଭରିଦେଇଥାଏ । ହଠାତ ଗୁଜବ ପ୍ରଚାରିତ ହେଲା ଶହିଦନଗରରେ କିଛି ଗୋଟାଏ ଚାଲିଛି । ଅନେକ ବିଧାୟକ ଏ-୧୧୧ ଘରେ ରୁଣ୍ଡ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଉପ-ସଚେତକ ମୟୁରଭଞ୍ଜର ସାନନ୍ଦ ମାରଣ୍ଡି, ମନ୍ତ୍ରୀ ସାରଦା ନାୟକ, ସଞ୍ଜୀବ ସାହୁ ଓ ଅଞ୍ଜଳି ବେହେରା । କିଛି ବିଧାୟକ ମଧ୍ୟ ପାଖ ହୋଟେଲରେ ଅବସ୍ଥାନ କରୁଛନ୍ତି । ମାଡିଆସିଲେ ସାମ୍ବାଦିକ ଶହିଦନଗର ଆଡକୁ । ସେ ଘରେ ରହୁଥାଆନ୍ତି ପ୍ୟାରିମୋହନ ମହାପାତ୍ର ରାଜ୍ୟସଭା ସଦସ୍ୟ, ନବୀନଙ୍କ ପ୍ରିୟ ଓ ବିଶ୍ୱସ୍ତ ଅଙ୍କଲ, ରାଜ୍ୟର ଦ୍ୱିତୀୟ କ୍ଷମତାକେନ୍ଦ୍ର ।

ନବୀନଙ୍କ ପିତା ବିଜୁବାବୁଙ୍କ ବେଳେ ସେ ଥିଲେ ରାଜ୍ୟର ମୁଖ୍ୟ ଶାସନ ସଚିବ । ଅବସର ପରେ ବିଜୁବାବୁଙ୍କ ପରାମର୍ଶଦାତା ରହିଥିଲେ । ବିଜୁବାବୁଙ୍କ ମୃତ୍ୟୁ ପରେ ତାଙ୍କରି ପରାମର୍ଶରେ ବିଜେଡି ଦଳ ଗଠିତ ହେଲା । ସେ ହେଲେ ବିଜେଡିର ମାର୍ଗଦର୍ଶକ, ଚାଣକ୍ୟ । ତାଙ୍କରି ପରାମର୍ଶରେ ତୁଙ୍ଗ ବିଜେଡି ନେତା ବିଜୟ ମହାପାତ୍ରଙ୍କୁ ଦଳରୁ ବହିଷ୍କାର କରାଗଲା । ସଫଳତା ପରେ ସଫଳତା ସେ ନବୀନବାବୁଙ୍କୁ ଆଣିଦେଲେ । ସମସ୍ତ ବିଧାୟକଙ୍କୁ ସେ ହିଁ ଟିକେଟ ଦେଇ ମନୋନିତ କଲେ । ଅଧିକାଂଶ ବିଧାୟକ ତାଙ୍କର ଅନୁଗତ ଥିଲେ । ସବୁଆଡେ ତାଙ୍କର ଛବି ଲାଗିଲା । ତାଙ୍କ ସୁରକ୍ଷା ମୁଖ୍ୟମନ୍ତ୍ରୀଙ୍କ ସହ ସମାନ ଥିଲା । ତାଙ୍କର ଅସୁମାରୀ ଉଚ୍ଚାଭିଳାଷର ଟେର ନବୀନ ବୋଧେ ଜାଣିପାରିଲେ । ୨୦୧୨ ଜିଲ୍ଲା ପରିଷଦ ସଭାପତି ପଦ ପାଇଁ ସେ ନିଜେ ପ୍ରାର୍ଥୀ ଚୟନ କଲେ । ମାତ୍ର ଅଙ୍କଲଙ୍କ ଗୋଟିଚାଳନାରେ ଖୋର୍ଦ୍ଧା ଓ ରାୟଗଡାରେ ଦଳୀୟ ପ୍ରାର୍ଥୀ ପରାସ୍ତ ହେଲେ । ଏତିକିବେଳେ ଆଠଗଡ ଉପନିର୍ବାଚନ ହେଲା । ନବୀନବାବୁ ରଣେନ୍ଦ୍ର ସ୍ୱାଇଁଙ୍କୁ ଟିକେଟ ଦେଲେ, ଯାହା ପ୍ୟାରି ଚାହୁଁ ନ ଥିଲେ । ସେ ନିର୍ବାଚନ ପ୍ରଚାରରେ ଗଲେନାହିଁ । ନବୀନ ପ୍ୟାରିଙ୍କ ଶତ୍ରୁ ଦାମ ରାଉତଙ୍କୁ ଧରି ପ୍ରଚାର କଲେ । ରାଜା ସ୍ୱାଇଁ ଜିତିଲେ । ପ୍ୟାରି ମନେମନେ ଅସନ୍ତୁଷ୍ଟ ହେଲେ । ସେତେବେଳେ ବିଧାନସଭାରେ ୧୦୪ ଜଣ ବିଧାନ ସଭ୍ୟ ଥାଆନ୍ତି । ଅଧିକାଂଶ ଯେ ତାଙ୍କୁ ସମର୍ଥନ କରିବେ ସେ ବିଷୟରେ ପ୍ୟାରି ନିଶ୍ଚିନ୍ତ ହୋଇଥିଲେ ।

ସେ ଭୁଲିଗଲେ ଯେ, ଦେଉଳ ଯେତେ ବଡ ହେଲେ ବି ଦିଅଁ ହୋଇପାରେନା । ଅନେକ ବିଧାୟକ ରାତିରେ ଶହିଦନଗରରେ ପହ-ଂଚିଲେ । ମନ୍ତ୍ରୀ ଅଞ୍ଜଳି ବେହେରା, ବିଧାୟକ ଶାରଦା ନାୟକ ମଧ୍ୟ ଥିଲେ । ରହସ୍ୟଜନକ ଭାବେ ଦୁଇଜଣ କଂଗ୍ରେସ ସଭ୍ୟ ଆସି ପଇଁତରା ମାରିବାର ଦେଖିବାକୁ ମିଳିଥିଲା। କଂଗ୍ରେସ ଦଳର ୨୭ ଜଣ ସଭ୍ୟ ଥାଆନ୍ତି । ସମୁଦାୟ ୪୦ ପାଖାପାଖି ବିଧାୟକ ଉପସ୍ଥିତ ହେଲେ । ଏ ଖବର ପ୍ରଚାରିତ ହେଲାପରେ ଅନୁଗତମାନେ ନବୀନ ନିବାସରେ ପହ-ଂଚି ପ୍ୟାରିଙ୍କ ଉଦ୍ୟମ ପଣ୍ଡ କରିବାକୁ ଚେଷ୍ଟା କଲେ । ସମସ୍ତ ଚେଷ୍ଟା ସତ୍ୱେ ରାତ୍ରୀ ୧୨ ସୁଦ୍ଧା ପ୍ୟାରି ଅନୁଭବ କଲେ ସେ ମାଜିକ ନମ୍ବରର ନିକଟବର୍ତ୍ତୀ ହୋଇପାରିବେ ନାହିଁ । ଏକଥା ଜଣାପଡିବା ମାତ୍ରେ ବିଧାୟକମାନେ ନବୀନ ନିବାସ ଆଡେ ଧାଇଁ ନିଜ ଆନୁଗତ୍ୟ ଘୋଷଣା କଲେ । ନବୀନବାବୁ ବିଦେଶରୁ ଫେରିଆସି ଅବସ୍ଥା ସମ୍ଭାଳି ନେଲେ । ପ୍ୟାରିମୋହନ ମହାପାତ୍ରଙ୍କୁ ବେଇମାନ କହି ନବୀନ ତାଙ୍କୁ ଦଳରୁ ବହିଷ୍କାର କଲେ । କୌଣସି ବିଧାୟକ କି ବରିଷ୍ଠ ନେତା ତାଙ୍କୁ ସମର୍ଥନ କଲେନାହିଁ । ଆହତ ସିଂହ ଭଳି ସେ ବିଷ ଉଦ୍‌ଗାରି ତାଙ୍କ ନିକଟରେ ବ୍ରହ୍ମବାଣ ଅଛି ବୋଲି ଆସ୍ଫାଳନ କଲେ । ଲୋକମାନେ ଆଗ୍ରହରେ ଚାହିଁରହିଲେ ସେ ବ୍ରହ୍ମବାଣର ସ୍ୱରୂପ କ'ଣ ? ପ୍ରତିଶୋଧ ପାଇଁ ସେ ଜନମୋର୍ଚ୍ଚା ନାମକ ଏକ ସଂଗଠନ ତିଆରି କଲେ । ରୋଡ ସୋ' ମଧ୍ୟ ଜମିଲା । କିଛିଦିନ ପରେ ତାହା ମଧ୍ୟ ମଉଳିଗଲା । ହତାଶ ଓ ନିଷ୍ଫଳ କ୍ରୋଧ ଜର୍ଜରିତ ହୋଇ ସେ ଅସୁସ୍ଥ ହୋଇପଡିଲେ । କୌଣସି ବିଜେଡି ନେତା ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ ମଧ୍ୟ କଲେନି । ୨୦୧୭ ମସିହାରେ ତାଙ୍କର ମୃତ୍ୟୁ ଘଟିଲା ।

ଏହି ଘଟଣାରେ କାର୍ତିକ ପାଣ୍ଡିଆନଙ୍କ ଅଭ୍ୟୁଦୟ ଘଟିଲା । ଘଟଣାକ୍ରମେ ମେ' ୨୯ ତାଙ୍କର ଜନ୍ମଦିନ । ତାଙ୍କ ପରାମର୍ଶରେ ନବୀନ ସଫଳତା ପରେ ସଫଳତା ସାଉଁଟି ଶକ୍ତିଶାଳୀ ହେବାକୁ ଲାଗିଲେ । ୨୦୧୨ର ସେହି ଘଟଣାରେ ମଣିଷର ଜୀବନପଥରେ ଯେ ଭାଗ୍ୟର ଏକ ବଡ ଭୂମିକା ଅଛି ତାହା ପ୍ରମାଣିତ ହେଲା।

**ଡାଃ ସୁରେନ୍ଦ୍ର ନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬*

# ଖରିଆପଡା ବସ୍ତି ଅଞ୍ଚଳର ମୌଳିକ ସମସ୍ୟାର ସମାଧାନ ପାଇଁ କଂଗ୍ରେସର ଦାବି

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୧୭ ନମ୍ବର ୱାର୍ଡର ଖରିଆପଡା ବସ୍ତି ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି । ରାଉରକେଲା ବିଧାନସଭା କ୍ଷେତ୍ରରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଉପରୋକ୍ତ ବସ୍ତି ଅଞ୍ଚଳ ବୁଲି ବସ୍ତିବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ରାଉରକେଲା ସହରର କେନ୍ଦ୍ର ସ୍ଥଳରେ ଥିବା ଏହି ସର୍ବପୁରାତନ ବସ୍ତି ଓ ମହାନଗର ନିଗମ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ଦୂରତାରେ ଥିବା ଏହି ବସ୍ତି ଅବସ୍ଥିତ ହୋଇଥିଲେ ହେଁ ଦୀପ ତଳ ଅନ୍ଧାର ଭଳି ବସ୍ତି ଉପରେ ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ପଡିବା ବିଡମ୍ବନାର ବିଷୟ ବୋଲି ଶ୍ରୀ ସେନାପତି ଏହି ଅବସରରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା ବେଳେ ପ୍ରକାଶ କରିଥିଲେ । ବସ୍ତିକୁ ପାଣି ପାଇପ୍ ଲାଇନ୍ ଯୋଗାଇ ଦିଆଯାଇଥିଲେହେଁ ଉକ୍ତ ପାଇପ୍‌ରେ ପାଣି ଠିକ୍ ଭାବେ ଆସୁନାହିଁ । କେତେକ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ଦିଆଯାଇଥିଲେ ହେଁ ସେଥିରୁ ଆଦୌ ପାଣି ବାହାରୁ ନାହିଁ । ବସ୍ତିର ନାଳିଗୁଡିକ ନିର୍ମାଣ ହୋଇଥିଲା ସେଥିରୁ ଅଧିକାଂଶ ଭୁଷୁଡି ପଡିଥିବା ବେଳେ ନାଳିଗୁଡିକର ସଫେଇ ମଧ ନିୟମିତ ବ୍ୟବଧାନରେ ହେଉନାହିଁ । ବସ୍ତିବାସୀ ନିଜ ନିଜ ଭିତରେ ଚାନ୍ଦା କରି ମଝିରେ ମଝିରେ ନାଳିଗୁଡିକ ସଫେଇ କରୁଛନ୍ତି । ନିର୍ମିତ ରାସ୍ତାଘାଟ ଅନେକ ସ୍ଥାନରେ ଭାଙ୍ଗିରୁଜି ଯାଇଥିଲେହେଁ ତାହା ଆବଶ୍ୟକୀୟ ମରାମତି ହେଉନାହିଁ । ସ୍ୱିରେଜ୍ ବୋର୍ଡ ଦ୍ୱାରା ବସ୍ତିର କେତେକ ଅଞ୍ଚଳରେ କଂକ୍ରିଟ୍ ରାସ୍ତା ଖୋଳି ସ୍ୱରେଜ୍ ପାଇପ୍ ଲାଇନ ବିଛାଯିବା ପରେ ଉକ୍ତ ରାସ୍ତାର ପୁନଃ କଂକ୍ରିଟ୍ କରାଯାଇନାହିଁ, ଯାହାକି ସାମାନ୍ୟ ବର୍ଷାରେ ଯାତାୟତରେ ସମସ୍ୟା ସୃଷ୍ଟି କରୁଛି । କେତେକ ସ୍ଥାନରେ ନାଳିଗୁଡିକରୁ ପାଣି ସଠିକ୍ ଭାବେ ନିଷ୍କାସିତ ହେଉନାହିଁ । ତେଣୁ ଏସବୁ ସମସ୍ୟାଗୁଡିକୁ ଶ୍ରୀ ସେନାପତି ବୁଲି ଦେଖିବା ସହିତ ଏ ସମ୍ପର୍କରେ ବସ୍ତିବାସୀଙ୍କ ସହ ବିଶଦ୍ ଆଲୋଚନା କରିଥିଲେ । ଖୁବ୍‌ଶୀଘ୍ର ମହାନଗର ନିଗମ କର୍ତ୍ତୃପକ୍ଷ, ଜନସ୍ୱାସ୍ଥ୍ୟ ବିଭାଗ ଓ ସ୍ୱିରେଜ୍ ବୋର୍ଡ କର୍ତ୍ତୃପକ୍ଷଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବା ସହିତ ସମସ୍ୟାଗୁଡିକର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ଏହି ଅବସରରେ ଶ୍ରୀ ସେନାପତି ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ସେନାପତିଙ୍କ ଏହି ଗସ୍ତ ସମୟରେ କଂଗ୍ରେସର ଉପସଭାପତି କୀର୍ତ୍ତନ ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ଜିଲ୍ଲା କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ଉକ୍ତ ଅଞ୍ଚଳର ବାସିନ୍ଦା ଭାସ୍କର ଖିଲ୍ଲାର, ରତିକା' ମଲ୍ଲିକ, ସେବାଦଳର ବୁଲୁ ଦାସ, ଦିଲ୍ଲୀ ଖାଡିଆ, ମୁନ୍ନା ଲାକ୍ରା ପ୍ରମୁଖ ବସ୍ତିର ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀ ସେନାପତିଙ୍କୁ ଅବଗତ କରାଇଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ଦଳ ତରଫରୁ କୁହାଯାଇଛି ।

# ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲା ଆଞ୍ଚଳିକ ବିକାଶ ପରିଷଦ



ଭୁବନେଶ୍ୱର (ପିଏନ୍): ବିଶ୍ୱ ପରିବେଶ ଦିବସ ସାରା ବିଶ୍ୱରେ ପାଳିତ ହେଉଥିବା ବେଳେ ଉଜୁଡ଼ି ଯାଉଥିବା ପରିବେଶକୁ ସଜାଡ଼ିବା ଏବଂ ତାହାକୁ ସୁସ୍ଥ ରଖିବା ପାଇଁ ଅଣ୍ଟା ଭିଡ଼ିଛି ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଥିବା ଆଞ୍ଚଳିକ ବିକାଶ ପରିଷଦ। ସଂଗଠନ ପକ୍ଷରୁ ଆୟୋଜନ କରାଯାଇଥିବା ପରିବେଶ ଦିବସରେ ଉଜୁଡ଼ି ଯାଉଥିବା ଏବଂ ଅସୁସ୍ଥ ପରିବେଶକୁ ନେଇ ଚିନ୍ତାପ୍ରକଟ କରିଥିଲେ। ପରିଷଦ ପକ୍ଷରୁ ଏକ ସଚେତନତା ରାଲି ନାଥପୁରଠାରୁ ଆରମ୍ଭ ହୋଇ ଗଙ୍ଗୁଆ ନଦୀବନ୍ଧ ପର୍ଯ୍ୟନ୍ତ ଯାଇଥିଲା। ସଂଗଠନର ସଦସ୍ୟ ଏବଂ ଛାତ୍ରଛାତ୍ରୀମାନେ ସଚେତନତାର ବାର୍ତ୍ତା ଥିବା ପ୍ଲାକାର୍ଡ଼ ଧରି ନୂଆଗାଁ ପେଟ୍ରୋଲ ଟାଙ୍କି ନିକଟସ୍ଥ ଜାତୀୟ ରାଜପଥ କଡ଼ରେ ଠିଆ ହୋଇ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହାପରେ ଗଙ୍ଗୁଆ ନଦୀବନ୍ଧ କଡ଼ରେ ବୃକ୍ଷରୋପଣ କରାଯାଇଥିଲା ଏବଂ ସେଠାରେ ପରିବେଶକୁ ନେଇ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ ସ୍ଥାନୀୟ ନେତୃବୃନ୍ଦ ବିରଞ୍ଚି ନାରାୟଣ ମହାସୁପକାର, ସୁବାସ ସୁନ୍ଦର ରାୟ, କ୍ଷୀରୋଦ ପ୍ରଧାନ, ପ୍ରକାଶ ସାହୁ, ପରିବେଶବିତ୍ ସୁଶାନ୍ତ ସାହୁ, ପ୍ରକୃତିପ୍ରେମୀ ଦୀନବନ୍ଧୁ ଭୋଇ, ସଂଗଠନର କର୍ମକର୍ତ୍ତା ବୃନ୍ଦାବନ ସାହୁ, ଅକ୍ଷୟ ସ୍ୱାଇଁ, ଅରୁଣ ପୁରୋହିତ, ପ୍ରଶାନ୍ତ ମିଶ୍ର, ଲକ୍ଷ୍ମୀଧର ପ୍ରଧାନ, ସାମ୍ବାଦିକ ଚନ୍ଦ୍ରକାନ୍ତ ନନ୍ଦ, ଗଗନ ଭୋଇ ଏବଂ ଅନ୍ୟମାନେ। ଏହି ଅବସରରେ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ପରିଷଦ ପକ୍ଷରୁ ପୂର୍ବରୁ ଉକ୍ତ ଅଞ୍ଚଳରେ ବର୍ଷସାରା ବିଭିନ୍ନ ସମୟରେ ଏବଂ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯାଇ ତାହାର ଯତ୍ନ ନିଆଯାଉଛି।

# ସପ୍ତମ ବେତନ ପ୍ରଦାନର ନିୟମକୁ ବିରୋଧ, ଆନ୍ଦୋଳନ ପାଇଁ ଚେତାବନୀ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାଠାରେ ଓଷ୍ଟା ପକ୍ଷରୁ ପକ୍ଷରୁ ରାଜ୍ୟ ସରକାର ଶିକ୍ଷକମାନଙ୍କ ସପ୍ତମ ବେତନ ପ୍ରଦାନ ପାଇଁ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ନିମନ୍ତେ ଗତ ମାସ ୧୩ ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ଘୋର ବିରୋଧ କରିଛନ୍ତି। ତୁରନ୍ତ ଏହାର ପ୍ରତ୍ୟାହାର କରି ସଠିକ ନିୟମ ନିର୍ଦ୍ଧାରଣ ନକଲେ ପୁଣି ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚରମ ଚେତାବନୀ ଦିଆଯାଇଛି । ଗତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପୂର୍ବରୁ ସରକାରଙ୍କ ସହିତ ଆଲୋଚନା ପରେ ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ନିୟମ ଅନୁଯାଇ ସପ୍ତମ ବେତନ ପ୍ରଦାନ ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୨୦୨୨ ମସିହା ଜାନୁଆରୀ ମାସ ୧୧ ତାରିଖରେ ଚିଠି ନମ୍ବର ୬୩୩ ବିଜ୍ଞପ୍ତି ପ୍ରକାଶ ପାଇଥିଲା ବେଳେ ସରକାର ୬୫୫ଟି ବିଦ୍ୟାଳୟକୁ ବଂଚିତ କରାଯାଇଛି। ଦୀର୍ଘ ୪ ମାସ ପରେ ସପ୍ତମ ବେତନ ପ୍ରଦାନ ନିୟମକୁ ଉଲ୍ଲଂଘନ କରି ମନୋମୁଖୀ ଭାବରେ ନୂତନ ନିୟମ ପ୍ରକାଶ କରିଥିବାରୁ ଶିକ୍ଷକ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ତ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ କରିବା ସହ ସଠିକ ନିୟମ ନିର୍ଦ୍ଧାରଣ କରିବା ପାଇଁ ଓଷ୍ଟା ପକ୍ଷରୁ ଦୃଢ ଦାବୀ କରାଯାଇଛି। ଜିଲ୍ଲା ଓଷ୍ଟାର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର, ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ରଂଜନ ଦାଶ, ସମ୍ପାଦକ ମଧୁସୂଦନ ଦେ, ସହ-ସମ୍ପାଦକ ରମାକାନ୍ତ ମହାପାତ୍ର, ରାଜ୍ୟ ସଭ୍ୟ ଶିଶିର ଦାଶ, ପ୍ରଦୀପ ପ୍ରଧାନ, ଜିଲ୍ଲା ଯୁଗ୍ମ ସମ୍ପାଦକ ଘନଶ୍ୟାମ ସ୍ୱାଇଁ, ଶ୍ରୀହରି ମାଳି, ଜିଲ୍ଲା ସଭ୍ୟ ପ୍ରକାଶ କୁମାର ପଲେଇ ଓ ସୁନିଲ ପଣ୍ଡାଙ୍କ ସମେତ ବ୍ଲକ ସମ୍ପାଦକମାନେ ଯୋଗଦେଇଥିଲେ।

# ଲୋକଙ୍କ ବିରୋଧ ପରେ ସ୍କୁଲର ନାମ ବଦଳିଲା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୨୦ନମ୍ବର ୱାର୍ଡରେ ଥିବା ମହିପାଳ ସ୍କୁଲର ନାମ ପରିବର୍ତ୍ତନ କୁ ନେଇ ଗତ ମଇ ମାସ ୧୭ ତାରିଖରେ ସ୍ଥାନୀୟ ଲୋକ ଓ ଅଭିଭାବକମାନେ ତୀବ୍ର ବିରୋଧ କରି ନାମ ଲେଖାଯାଇଥିବା ସ୍କୁଲର ନାମଫଳକରେ ରଙ୍ଗ ବୋଳି ଦେଇଥିଲେ। ଏହି ସ୍କୁଲଟି ମା' ମହିପାଳିନୀ ଠାକୁରାଣୀଙ୍କ ବେଢାକୁ ଲାଗି ଥିବାରୁ ସ୍କୁଲ ନାମ ସହିତ ଗ୍ରାମର ନାମ ମହିପାଳ ସ୍କୁଲ ବୋଲି ପୂର୍ବରୁ ଲେଖାଯାଉଥିଲା । ପୌରସଂସ୍ଥା ଦ୍ୱାରା ପରିଚାଳିତ ହେବାପରେ ଏହାର ନାମକୁ ପରିବର୍ତ୍ତନ କରିଦିଆଯାଇଥିବାରୁ ପୂର୍ବର ନାମ ଲେଖିବା ପାଇଁ ସ୍ଥାନୀୟ ଲୋକ ଦାବି କରିଥିଲେ। ସ୍କୁଲ ସମ୍ମୁଖରେ ଲେଖା ଯାଇଥିବା ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରାପଡା ପରିବର୍ତ୍ତନ କରାଯାଇ ପୌରସଂସ୍ଥା ପକ୍ଷରୁ ପୌରପାଳିକା ସରକାରୀ ଉଚ୍ଚବିଦ୍ୟାଳୟ ମହିପାଳ ବୋଲି ଲେଖାଯାଇଥିବା ଜଣାପଡିଛି।

# ଜିଲ୍ଲାରେ ବନ୍ଦ ହେଲା କୋଭିଡ ହସପିଟାଲ



କେନ୍ଦ୍ରାପଡ଼ା (ପିଏନ୍): ବିଶ୍ୱ ମହାମାରୀ କରୋନା ସଂକ୍ରମଣ ବେଳେ ଜନସାଧାରଣଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବାପାଇଁ କେନ୍ଦ୍ରାପଡା ଜିଲ୍ଲାରେ ଖୋଲା ଯାଇଥିବା ୩ଟି ସ୍ୱତନ୍ତ୍ର କୋଭିଡ ହସପିଟାଲକୁ ବନ୍ଦ କରି ଦିଆଯାଇଥିବା ସୂଚନା ମିଳିଛି । କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଛତା ପଲିଟେକନିକ ଓ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟରେ ଏହି ସ୍ୱତନ୍ତ୍ର କୋଭିଡ ହସପିଟାଲ ଗୁଡିକ ଯୁଦ୍ଧକାଳୀନ ଭିତିରେ ସ୍ଥାପନ କରାଯାଇ କରୋନା ସଂକ୍ରମିତ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଥିଲା । ଏବେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଶୂନ୍ୟ ସ୍ତରରେ ପହଞ୍ଚିଥିବାରୁ ଏହି ସ୍ୱତନ୍ତ୍ର କୋଭିଡ ହସପିଟାଲଗୁଡିକୁ ବନ୍ଦ କରିଦିଆଯାଇଛି । ଏଥିସହ ସେହି ହସପିଟାଲଗୁଡିକରେ ଥିବା ସମସ୍ତ ଚିକିତ୍ସା ସମ୍ବନ୍ଧୀୟ ବିଭିନ୍ନ ଉପକରଣ, ଅକ୍ସିଜେନ ସିଲିଣ୍ଡର ପ୍ରଭୃତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଏହି ସାମଗ୍ରୀ ଓ ଉପକରଣଗୁଡିକୁ ଶ୍ୟାମଗୁଡିଆଠାରେ ଖୋଲାଯିବାକୁ ଥିବା କୋଭିଡ ୟୁନିଟରେ ବ୍ୟବହାର କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନୀତା ପଟ୍ଟନାୟକଙ୍କଠାରୁ ସୂଚନା ମିଳିଛି ।

# କେନ୍ଦ୍ରାପଡା କଲେଜ ଅଧକ୍ଷ ଚୟନକୁ ନେଇ ଅପପ୍ରଚାର

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା କଲେଜ ଅଧକ୍ଷ ଚୟନକୁ ନେଇ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଅପପ୍ରଚାର କରାଯାଉଛି। କିନ୍ତୁ ପ୍ରକୃତ ଘଟଣା ଭିନ୍ନ ଥିବା ସୂଚନା ମିଳିଛି। ଗତ ଅପ୍ରେଲ ମାସ ୩୦ ତାରିଖରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ଡଃ. ତ୍ରିପାଠୀଙ୍କ ଅବସର ପରେ କଲେଜ ଉପାଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କୁ କଲେଜ ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ କଲେଜର ଭାରପ୍ରାପ୍ତ ଅଧକ୍ଷ ଭାବେ ଦାୟୀତ୍ୱ ହସ୍ତାନ୍ତର କରିଥିଲେ। କଲେଜ ଅଧକ୍ଷ ଡଃ. ତ୍ରିପାଠୀଙ୍କ ଅବସର ପୂର୍ବରୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ କଲେଜ ପକ୍ଷରୁ ପ୍ରଫେସର ବେହେରାଙ୍କ ନାମ ସମେତ ୪ଜଣ ବରିଷ୍ଠ ପ୍ରାଧ୍ୟାପକଙ୍କ ନାମ କଲେଜ ଅଧକ୍ଷ ପଦ ପାଇଁ ପଠାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ଗତ ୨୦୧୪ମସିହାରେ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ସମେତ ରାଜ୍ୟର ଅନ୍ୟ କେତେକ ଅଧାପକଙ୍କ ନାମରେ ସରକାରୀ କାଗଜପତ୍ରକୁ ଜାଲକରି ୟୁଜିସି ବେତନ ପାଇଥିବା ଅଭିଯୋଗକୁ ନେଇ ଏକ ଭିଜିଲାନ୍ସମାମଲା ରୁଜୁ କରାଯିବା ସହ ସେମାନଙ୍କ ସେବାପୁସ୍ତିକା ଗୁଡିକୁ ଭିଜିଲାନ୍ସ ବିଭାଗ ଜବତ କରିଥିଲା। ଏହାମଧ୍ୟରେ କେନ୍ଦ୍ରାପଡା କଲେଜ ପରିଚାଳନା ପରିଷଦ ସଦସ୍ୟ ପାଇଁ ଉଚ୍ଚଶିକ୍ଷା ବିଭାଗକୁ କଲେଜ ପକ୍ଷରୁ ନାମ ପଠାଯିବା ବେଳେ ସେବା ପୁସ୍ତିକା ଭିଜିଲାନ୍ସ ବିଭାଗ ପାଖରେ ଥିବାରୁ କଲେଜର ବରିଷ୍ଠ ପ୍ରଫେସର ବେହେରାଙ୍କ ନାମ ପଠାଯାଇନଥିଲା। ଏହି ଘଟଣାର ୮ବର୍ଷ ପରେ ଅର୍ଥାତ ୨୦୨୧ମସିହାରେ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ବିରୋଧରେ ଭିଜିଲାନ୍ସ ବିଭାଗ କୌଣସି ଅଭିଯୋଗପର୍ଦ୍ଦ ଦାଖଲ କରିନପାରିବାରୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶରେ ପ୍ରଫେସର ବେହେରାଙ୍କ ସେବାପୁସ୍ତିକାରେ କୌଣସି ନକାରାତ୍ମକ ମନ୍ତବ୍ୟ ନଦେଇ ଫେରାଇ ଦେଇଥିଲେ। ତେଣୁ କଲେଜର ପରବର୍ତ୍ତୀ ଅଧକ୍ଷ ପଦ ପାଇଁ ପ୍ରଫେସର ବେହେରାଙ୍କ ନାମ ସମେତ ଅନ୍ୟ ୩ଜଣ ବରିଷ୍ଠ ପ୍ରଫେସରଙ୍କ ନାମ କଲେଜ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ପଠାଯାଇଥିଲା। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ପ୍ରଫେସର ବେହେରାଙ୍କ ନାମରେ ଥିବା ଭିଜିଲାନ୍ସ କେଶକୁ ନେଇ କଲେଜ ପରିଚାଳନା ପରିଷଦର ସଭାପତିଙ୍କଠାରୁ ଏକ ସ୍ପଷ୍ଟୀକରଣ ମାଗିଥିଲା। ଏ ସମ୍ପର୍କରେ କଲେଜ ପରିଚାଳନା ପରିଷଦର ସଭାପତି ତାଙ୍କର ସ୍ପଷ୍ଟୀକରଣ ଉଚ୍ଚଶିକ୍ଷା ବିଭାଗକୁ ପଠାଇ ସାରିଛନ୍ତି। ଅନ୍ୟପକ୍ଷରେ ସେହି ତାଲିକାରେ ଥିବା ଅନ୍ୟତମ ପ୍ରାଧ୍ୟାପକ ସଞ୍ଜୀବ କୁମାର ମହାନ୍ତି ଏହି କଲେଜରେ ଗତ ମାର୍ଚ୍ଚ ୨୦୨୧ରେ ଯୋଗଦେଇଥିଲେ ମଧ ଅଦ୍ୟାବଧି ତାଙ୍କ ମୂଳ ସେବାପୁସ୍ତିକାଟି ଏହି କଲେଜକୁ ଆସିନାହିଁ। ଫଳରେ ବିଭିନ୍ନ ସମୟରେ ବିଭାଗୀୟ ଆବଶ୍ୟକତା ଏବଂ କଲେଜର ଆବଶ୍ୟକତା ବେଳେ ବିଭିନ୍ନ ସମସ୍ୟା ଉପୁଜିବାରେ ବର୍ତ୍ତମାନର ଭାରପ୍ରାପ୍ତ କଲେଜ ଅଧକ୍ଷ ପ୍ରଫେସର ମହାନ୍ତିଙ୍କ ପୂର୍ବସ୍ଥାନ ଚୌଦ୍ୱାର କଲେଜକୁ ଏ ସମ୍ପର୍କରେ ଏକ ପତ୍ର ଲେଖି ଆବଶ୍ୟକ ତଥ୍ୟ ପ୍ରଦାନ କରିବାକୁ ନିବେଦନ କରିଥିଲେ। କିନ୍ତୁ ସଂପୂର୍ଣ୍ଣ ଘଟଣାକୁ ଅନ୍ଧାରରେ ରଖାଯାଇ ଦୁଇଟି ଚିଠିକୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ କରାଯାଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ ପରେ ସମସ୍ତ କଥା ଲୋକଲୋଚନକୁ ଆସିପାରିବ।

# କେନ୍ଦ୍ରାପଡା ଜିଲ୍ଲା ଇତିହାସ ରଚୟିତା ପ୍ରତାପ ରାୟଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ କେନ୍ଦ୍ରାପଡା ଜିଲ୍ଲାର ଇତିହାସ ରଚୟିତା ସ୍ୱର୍ଗତ ପ୍ରତାପ କୁମାର ରାୟଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ ଗରାପୁରସ୍ଥିତ ଗୋପାଳଜୀଉମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ସଭାପତି ସୁଦର୍ଶନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ଡଃ. ସର୍ବେଶ୍ୱର ସେଣ ଯୋଗଦେଇ କହିଥିଲେ ଯେ ସ୍ୱର୍ଗତ ରାୟ କେନ୍ଦ୍ରାପଡା ମାଟିର ଜଣେ ସୁଯୋଗ୍ୟ ସନ୍ତାନ ଥିଲେ। ସେ କେନ୍ଦ୍ରାପଡା ଜିଲ୍ଲାର ଇତିହାସ ସମ୍ପର୍କରେ ୨ଟି ପୁସ୍ତକ ରଚନା କରି କେନ୍ଦ୍ରାପଡାକୁ ଜିଲ୍ଲା ବାହାର ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଜଣେ ମଣିଷ ପରି ମଣିଷ ଥିଲେ ବୋଲି ମତବ୍ୟକ୍ତ କରି ଡଃ. ସେଣ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓମଫେଡର ପ୍ରାକ୍ତନ ପରିଚାଳକ ସାରଥି କାନୁନଗୋ, ଶିକ୍ଷାବିତ ନରୋତ୍ତମ ଜେନା, ପ୍ରଣବ କୁମାର ଜେନା, ମହାକାଳପଡା ବିକାଶ ମଞ୍ଚର ସଭାପତି ତଥା ଉତ୍କଳ ସମ୍ମିଳନୀର ସଭ୍ୟ କାଶୀନାଥ ରାଉତରାୟ, ସମାଜସେବୀ ଜଗତଜୀବନ ଦାଶ, ନିତ୍ୟାନନ୍ଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ରାୟଙ୍କ ସ୍ମୃତିଚାରଣ କରିଥିଲେ।




# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ପର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗର୍ତ୍ତ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାରଣ ମଧ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଚଳିତ ବର୍ଷ ଅନ୍‌ଲାଇନ୍‌ରେ ହେବ ଏସ୍.ଓ.ଏଫ୍ ଅଲମ୍ପିଆଡ୍ ପରିକ୍ଷା

ରାଉରକେଲା, ୨୨/୧୦: ଆନ୍ତର୍ଜାତିୟସ୍ତରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଲମ୍ପିଆଡ୍ ପରିକ୍ଷା କରାଉଥିବା 'ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍' ପକ୍ଷରୁ ଚଳିତ ଏକାଡେମିକ୍ ଇୟର ପାଇଁ ଅନ୍‌ଲାଇନ୍ ପରିକ୍ଷାର ଘୋଷଣା କରାଯାଇଛି, ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇ ଫାଉଣ୍ଡେସନ୍ ପକ୍ଷରୁ ଏହିପରି ପଦକ୍ଷପ ନିଆଯାଇଛି ଯାହାଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ନିଜ ଘରେ ବସି ପରିକ୍ଷା ଦେଇପାରିବେ । ବିଦ୍ୟାର୍ଥିମାନଙ୍କ ଜ୍ଞାନକୌଶଳକୁ ଆନ୍ତର୍ଜାତିୟ, ଜାତିୟ ତଥା ରାଜ୍ୟସ୍ତରରେ ସମ୍ମାନୀତ କରିବା ପାଇଁ ଏସ୍.ଓ.ଏଫ୍ ସବୁବେଳେ ଚେଷ୍ଟାକରିଆସିଛି । ପ୍ରତିବର୍ଷ ପାଖାପାଖି ୧୦ ଲକ୍ଷରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏହି ପରିକ୍ଷାରେ ଭାଗନେଇଥାନ୍ତି । ଗତବର୍ଷ କଟକରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୧୯,୦୦୦ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ଏସ୍.ଓ.ଏଫ୍ ପକ୍ଷରୁ ମାତ୍ର ୪ଟି ଅଲମ୍ପିଆଡ୍ ପରିକ୍ଷାର ଆୟୋଜନ କରାଯାଇଛି, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ସାଧାରଣଜ୍ଞାନ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଇଂରାଜୀ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଜାତୀୟ ବିଜ୍ଞାନ ଅଲମ୍ପିଆଡ୍ ଏବଂ ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଗଣିତ ଅଲମ୍ପିଆଡ୍ । ଏହି ପରିପେକ୍ଷିରେ ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ମହାବିର୍ ସିଂ କହିଛନ୍ତି, "ଗତବର୍ଷ ଏହି ପରିକ୍ଷା ଅଫ୍‌ଲାଇନ୍ ହୋଇଥିଲା ଏବଂ ଏହି ପ୍ରତିଯୋଗିତାରେ ୩୨ଟି ଦେଶରୁ ପାଖାପାଖି ୫୬,୦୦୦ ବିଦ୍ୟାଳୟର ଲକ୍ଷାଧିକ ଛାତ୍ରଛାତ୍ରୀ ଭାଗନେଇଥଲେ କିନ୍ତୁ ଚଳିତ ବର୍ଷ ଆମେ ସମସ୍ତ ପରିକ୍ଷା ଅନ୍‌ଲାଇନ୍‌କରିବାର ଯୋଜନା କରିଛୁ । ପରିକ୍ଷାକୁ ସଠିକ୍ ଭାବରେ ପରିଚାଳିତ କରିବା ପାଇଁ ଆର୍ଟିଫିସିଆଲ୍ ଇ ଲିଜେନ୍ସି, ରିମୋଟ୍ ପ୍ରୋକ୍ଟରିଂ, ଭିଡିଓ ରେକର୍ଡିଂ ତଥା ଅନ୍ୟାନ ସୁବିଧା କରାଯାଇଛି ।"

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିଓ୍ୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିଓ୍ୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିଓ୍ୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିଓ୍ୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓ୍ୱାରେବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ଓ୍ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାଓ୍ୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ
ରହିଛି। ମୋଟୋର ଗ୍ରେଡ଼ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ
ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଓ୍ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ଓ୍ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଓ୍ୱକ୍ତଙ୍କକ୍ଟସ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଓକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)
ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍‌କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ
ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ଼କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାଓ୍ୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାଓ୍ୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାଓ୍ୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାଓ୍ୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାଓ୍ୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାଓ୍ୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟଓ୍ୱର୍କ ଓ ଆବଓକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାଓ୍ୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେଓ୍ୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାଓ୍ୱାର ନେଟଓ୍ୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାଓ୍ୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାଓ୍ୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାଓ୍ୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ
ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଓକ୍ଷସ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାଓ୍ୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାଓ୍ୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି।



# ମୋ ଓଡ଼ିଶା

## ବିଜେପି ସରକାରର ପ୍ରତିଶୋଧ ରାଜନୀତି ଓ ପୁଲିସ୍‌ର ବର୍ବରତା ବିରୁଦ୍ଧରେ ଜିଲ୍ଲା କଂଗ୍ରେସର ଧାରଣା ଓ ବିକ୍ଷୋଭ

ରାଉରକେଲା (ପିଏନ୍): କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର ଯେପରି ପ୍ରତିଶୋଧ ରାଜନୀତି ଚଳାଇ ଗତ କିଛିଦିନ ହେବ ସରକାରୀ ସଂସ୍ଥା ଇଡି (ପ୍ରବ ନ ନିର୍ଦ୍ଦେଶାଳୟ) ଜରିଆରେ କଂଗ୍ରେସର ଶୀର୍ଷ ନେତା ରାହୁଲ ଗାନ୍ଧୀଙ୍କୁ ହଇରାଣ ହରକତ କରୁଛନ୍ତି ତାହ ଅତ୍ୟ ନିନ୍ଦନୀୟ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି । ତେବେ ବିଜେପି ସରକାରର ଏହି ପ୍ରତିଶୋଧ ରାଜନୀତିର ପ୍ରତିବାଦ କରିବାକୁ ଯାଇ କଂଗ୍ରେସର ନେତୃବୃନ୍ଦ ଓ କର୍ମୀଗଣ ଯେପରି କେନ୍ଦ୍ର ସରକାରଙ୍କ ପୁଲିସ୍‌ର ଲାଠିମାଡର ଶିକାର ହେବା ସହିତ କେନ୍ଦ୍ର ପୁଲିସ୍ ଦିଲ୍ଲୀସ୍ଥିତ କଂଗ୍ରେସର ମୁଖ୍ୟାଳୟରେ ବେଆଇନ୍ ଭାବେ ପ୍ରବେଶ କରି କଂଗ୍ରେସ କର୍ମୀଙ୍କୁ ଦୁର୍ବ୍ୟବହାର କରିଛି ତାହା ଆହୁରି ଅଧିକ ନିନ୍ଦନୀୟ ଓ ଏକ ଗଣତାନ୍ତ୍ରିକ ସଭ୍ୟ ରାଷ୍ଟ୍ରରେ ବିରଳ ଘଟଣା ବୋଲି ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି । ତେଣୁ ଏହି ଉଭୟ ଘଟଣାର ପ୍ରତିବାଦରେ ଆଜି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପ ି ଓ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ ଅନୁଯାୟୀ ରାଉରକେଲା ଆୟକର ଭବନ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ଉପସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଏହି ଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଥିବା ବେଳେ ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଏହାକୁ ପରିଚାଳନା କରିଥିଲେ । ଏହି ଅବସରରେ ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଜିଲ୍ଲା କଂଗ୍ରେସ ଉପସଭାପତି ସ ୋଷ ବିଶ୍ୱାଳ ଓ କୀ ନ ଦାସ, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପୂର୍ବତନ ସମ୍ପାଦକ ଗଣେଶ ପ୍ରଧାନ, ସବୀର ହୁସେନ ଓ ରଶ୍ମିରଂଜନ ପାଢୀ, ପିସିସି ସଭ୍ୟ ପ୍ରଭାତୀ ମିଶ୍ର, ଏଆଇସିସି ସହଯୋଗୀ ସଭ୍ୟ ରାଜକୁମାର ଯାଦବ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବସଭାପତି ଜ୍ଞାନେନ୍ଦ୍ର ଦାସ, ଡିସିସି ସାଧାରଣ ସମ୍ପାଦକ ସରୋଜ ଲେଙ୍କା, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ସୋମନାଥ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖି ସମ୍ପ୍ରତି ଦେଶରେ ଆକାଶଛୁଆଁ ଦରଦାମ୍ ବୃଦ୍ଧି, ବ୍ୟାପକ ବେକାରୀ, ବେରୋଜଗାରୀ ସାଙ୍ଗକୁ ବିଜେପି ନେତାମାନଙ୍କ ବିବାଦୀୟ ମନ୍ତବ୍ୟ ଯୋଗୁ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହିଥିଲେ । ଏସବୁ ପ୍ରମୁଖ ପ୍ରସଙ୍ଗ ଉପରୁ ଲୋକଙ୍କ ଦୃଷ୍ଟି ଏଡାଇବା ପାଇଁ ଆସନ୍ତା ଗୁଜୁରାଜ ଓ ହିମାଚଳ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ଦଳ ତଥା ଏହାର ଶୀର୍ଷସ୍ତରୀୟ ନେତୃତ୍ୱଙ୍କୁ ସାଧାରଣରେ ନିନ୍ଦିତ କରିବା ପାଇଁ ମୋଦି ସରକାର ମନଗଢା ମିଥ୍ୟା କାହାଣୀ ରଚି ଇଡିକୁ ବ୍ୟବହାର କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ବିଗତ ଦିନରେ ଯେଉଁ ରାଜନେତାମାନଙ୍କ ପଛରେ ମୋଦି ସରକାର ଇଡିକୁ ଲଗାଇଥିଲେ ପରବ ୀ ସମୟରେ ସେମାନେ ବିଜେପିରେ ଯୋଗ ଦେବା ପରେ ଇଡି କାହିଁକି ଆଉ ସେମାନଙ୍କ ପିଛା ପଡିଲା ନାହିଁ ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରଶ୍ନ କରି ମୋଦି ସରକାର ଇଡିକୁ ରାଜନୈତିକ ଉଦ୍ଦେଶ୍ୟ ରଖି ବ୍ୟବହାର କରୁଥିବା ଏହା ସ୍ପଷ୍ଟ କରୁଛି ବୋଲି କହିଥିଲେ । ବ ମାନ ପରିପ୍ରେକ୍ଷୀରେ ନ୍ୟାସନାଲ ହେରାଲ୍‌ଡ ପ୍ରସଙ୍ଗରେ ନେତୃବୃନ୍ଦ ବକ୍ତବ୍ୟ ରଖି ୟଙ୍ଗ ଇଣ୍ଡିଆନ ଲିମିଟେଡ୍ କମ୍ପାନୀ ନ୍ୟାସନାଲ ହେରାଲଡକୁ କିଣିଥିବା ବେଳେ ଗୋଟିଏ ଟଙ୍କା ମଧ୍ୟ ଏଥିରେ ବେଆଇନ୍ କାରବାର ହୋଇନାହିଁ ବୋଲି ନେତୃବୃନ୍ଦ ଉଲ୍ଲେଖ କରି କେବଳ ହଟଚମଟ ସୃଷ୍ଟି ପାଇଁ ଏଭଳି ନାଟକ ଚାଲିଛି ବୋଲି କହିଥିଲେ । ୟଙ୍ଗ ଇଣ୍ଡିଆନ କମ୍ପାନୀରୁ କୌଣସି ଅଂଶୀଦାର ତଥା ନିର୍ଦ୍ଦେଶକ ଟଙ୍କାଟିଏ ନେବାର ପ୍ରାବଧାନ ନଥିବା ଓ କେହି ଟଙ୍କାଟିଏ ମଧ୍ୟ ନେଇନଥିବା ବେଳେ ଏହି କମ୍ପାନୀକୁ ନେଇ କାହିଁକି ଏପରି କେନ୍ଦ୍ର ସରକାର ଓ ଏହାର ତଦ କାରୀ ସଂସ୍ଥା ଇଡି ସାଧାରଣରେ ଏପରି ବିଭ୍ରା ସୃଷ୍ଟି କରୁଛନ୍ତି ବୋଲି ନେତୃବୃନ୍ଦ ପ୍ରଶ୍ନ କରିଥିଲେ । କଂଗ୍ରେସର ଶୀର୍ଷନେତା ରାହୁଲ ଗାନ୍ଧୀ ମୋଦି ସରକାରକୁ ବିଭିନ୍ନ ପ୍ରସଙ୍ଗରେ ଘେରୁଥିବାରୁ ତାଙ୍କ ସ୍ୱରକୁ ଦବାଇବା ପାଇଁ ମୋଦି ସରକାରର ଏହା ଏକ ଅଭିନବ ପ୍ରୟାସ ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରି ମୋଦି ସରକାର ଏଥିରେ ସଫଳ ହୋଇପାରିବ ନାହିଁ ବୋଲି ଚେତାବନୀ ଦେଇଥିଲେ । ଯଦି ମୋଦି ସରକାର ଏ ପ୍ରକାର ପ୍ରତିଶୋଧ ରାଜନୀତିରୁ ନିବୃ ରହି ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ବଜାୟ ରଖିବା ପାଇଁ ପରିବେଶ ସୃଷ୍ଟି ନ କରି ତେବେ ଗଣତନ୍ତ୍ରର ସୁରକ୍ଷା ପାଇଁ କଂଗ୍ରେସ ଦଳ ଏହି ଆନ୍ଦୋଳନ ଅଧିକ ବ୍ୟାପକ କରିବ ବୋଲି କହି ସତର୍କ କରାଇଦେଇଛି । ଆସ ା ୨୦ ଓ ୨୧ ତାରିଖ ଦିନ ୨ଟି ପର୍ଯ୍ୟାୟରେ ସମଗ୍ର ଜିଲ୍ଲାର ସମସ୍ତ ଗ୍ରାମା ଳ ଓ ସହରା ଳ ସାଙ୍ଗଠନିକ ବ୍ଲକ୍‌ରେ ମୋଦି ସରକାରର ତାନାସାହି ବିରୁଦ୍ଧରେ ପ୍ରତିବାଦ ବିକ୍ଷୋଭ କରାଯିବ ବୋଲି କଂଗ୍ରେସ ନେତୃବୃନ୍ଦ ଘୋଷଣା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଉପସଭାପତି ଉମେଶ ଶରଣ ଓ ଶୋଭା ସିଂ, ମୁଖପାତ୍ର କୈଳାସ ସାହୁ ଓ ଆର୍‌ପି ସିଂହ, ସାଧାରଣ ସମ୍ପାଦକ ତୁଳସୀ ନାଗ ଓ ରାଜେଶ ଟପ୍ପୋ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ମହିଳା ରାଜ୍ୟ ସମ୍ପାଦିକା ଲତା ନାୟକ, ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ବିଜୟ ଆପଟ, ରାଜେନ୍ଦ୍ର ରଜାକ, ରଘୁନାଥ ଦାସ, ଧୁସା ନାୟକ, ପ୍ରତାପ ବେହେରା, କାର୍ଯ୍ୟନିର୍ବାହୀ ସଦସ୍ୟ ରୁକସାନା ବେଗମ, ରତିକା ମଲ୍ଲିକ, କୈଳାସ ଚନ୍ଦ୍ର ବଶୋୟୀ, ଦିଲ୍ଲୀପ ଜେନା, ସମ୍ପାଦକ ସୁନୀଲ ସିଂ, ରବୀନ୍ଦ୍ର ନାୟକ, ଅମ୍ରିତ କୌର ଓ ପ୍ରତିମା ପାଣିଗ୍ରାହୀ, କଳ୍ପତରୁ ପଣ୍ଡା, ବରିଷ୍ଠ ନେତା ଫାରୁକ ଖାନ, ଇନ୍ଦ୍ରମୋହନ ପଣ୍ଡା, ବିନୋଦ ପଟ୍ଟନାୟକ, କା କ ଚନ୍ଦ୍ର ବେଉରିଆ, ବିଜେନ୍ଦ୍ର ମହା, ରେହେମାନ ଖାନ, ସାକିର ହୁସେନ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସେବାଦଳର ବୁଲୁ ଦାସ, ବିଦ୍ୟାସାଗର ସିଂହ, ବନମାଳୀ ବିଶୋୟୀ, ସୁବଳ ବାସୁରୀ, ରାଜନ ତ ୀ, ପ୍ରତାପ ସାହୁ, ଅଭିମନ୍ୟୁ ଦାସ, ଚତୁର୍ଭୁଜ ସାମଲ, ଯୁବନେତା ପ୍ରଦୀପ ବେହେରା, ସୁଧୀର ଚୌହାନ, ଶ୍ୟାମ ସାଗର, ମୀନକେତନ ଯତୀ, ବିକାଶ ସୁନା, ଅନୀଲ ଦାସ, ଡେଭିଡ ପ୍ରଧାନ, ମୀନୁ ଛୁଆଲସିଂହ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ସାଧାରଣ ସମ୍ପାଦକ ଶଙ୍କର ଅଗ୍ରୱାଲ ଧନ୍ୟବାଦ ବକ୍ତବ୍ୟ ରଖିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ପ୍ରଭୁକୃପା ସ୍ପୋର୍ଟିଂ କ୍ଲବ୍‌ର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର (ପିଏନ୍): ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ପିଠାଗୋଳା ପଂଚାୟତର ଟାଙ୍ଗରବାହାଲି ଗ୍ରାମରେ ଅବସ୍ଥିତ ପ୍ରଭୁକୃପା ସ୍ପୋର୍ଟିଂ କ୍ଲବ୍‌ର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ତା ୧୬.୦୬.୨୦୨୨ରିଖ ଗୁରୁବାର ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ହରିଚନ୍ଦନପୁର ବ୍ଲକ୍‌ର ସାମ୍ବାଦିକ ଲକ୍ଷ୍ମଣ କୁମାର ମହାନ୍ତ ଯୋଗଦେଇ ପ୍ରଭୁକୃପା ସ୍ପୋର୍ଟିଂ କ୍ଲବ୍‌ର ସମସ୍ତ ସଦସ୍ୟମାନଙ୍କୁ ତାଙ୍କର ଏହି କାର୍ଯ୍ୟକ୍ରମ ସବୁଦିନ ପାଇଁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ପ୍ରଭୁକୃପା ସ୍ପୋର୍ଟିଂ କ୍ଲବ୍ ଗାଁଗହଳିର ପିଲାମାନଙ୍କୁ ନେଇ ଅନେକ ପ୍ରକାର କାର୍ଯ୍ୟକ୍ରମ କରୁଥିବାରୁ ସେ ଭୂୟସୀ ପ୍ରଶଂସା କରିଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ପରିବେଷଣ, ସମ୍ବଲପୁରୀ ନୃତ୍ୟ, ସାଦ୍ରି, ସାନ୍ତାଳି ଆଧୁନିକ ଏବଂ ଝୁମର ଇତ୍ୟାଦି ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଅବସରରେ କୃତି କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ କ୍ଲବ୍‌ର ସଂପାଦକ ଶ୍ରୀ ବିଜୟ କୁମାର ପାତ୍ର ଓ ଡ୍ୟାନ୍ସ ମାଷ୍ଟର ଘନଶ୍ୟାମ ମହାନ୍ତ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ସଭାପତି ଶ୍ରୀ କୃଷ୍ଣଚନ୍ଦ୍ର ମୁଣ୍ଡା ସଭା ପରିଚାଳନା କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡମ୍ବରୁଧର ମହାନ୍ତ, ତ୍ରିଲୋଚନ ପାତ୍ର, ସତ୍ୟବାନ ମହାନ୍ତ, ସୁଶାନ୍ତ ମହାନ୍ତ, ମଦନମୋହନ ମହାନ୍ତ, ଶ୍ରୀଧର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଚିଟ୍‌ଫଣ୍ଡ ଠକ ଦ୍ୱୟଙ୍କୁ ୫ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ

ବାଲେଶ୍ୱର (ପିଏନ୍)-ଜମାକାରୀଙ୍କୁ ଅଧିକ ଲୋଭ ଦେଖାଇ ଠକିଥିବା ଦୁଇଜଣ ଠକଙ୍କୁ ବଲେଶ୍ୱର ଓପିଆଇଡ଼ି କୋର୍ଟ ୫ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହିତ ୪୦ ହଜାର ଟଙ୍କା ଲେଖାଏଁ ଜୋରିମନା ଆଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ଅଛି । ସୂଚନାଯୋଗ୍ୟ ଯେ ୱାଇଜ ମେନ୍ ନାମକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଅନିଲ ପାତ୍ର ଓ ନିର୍ଦ୍ଦେଶକ ପ୍ରଭାତ ଜେନା ଜମାକରୀମାନଙ୍କୁ ଅଧିକ ଲାଭ ଦେବାର ଲୋଭ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍ କରିଥିଲେ । ଏ ବାବଦରେ ୨୦୧୪ ମସିହାରେ ଜମାକାରୀମାନେ ସହଦେବଖୁ । ଥାନାରେ ଅଭିଯୋଗ କରିଥିଲେ । ଓପିଆଇଡ଼ି କୋର୍ଟର ବିଚାରପତି ସଦାଶିବ ଜେନା ସାକ୍ଷୀଙ୍କ ବୟାନ ତଥ୍ୟକୁ ଆଧାର କରି ଏହି ରାୟ ଶୁଣାଇଛନ୍ତି ।

## ମୋଦି ସରକାରର ଆକ୍ରୋଶ ବିରୋଧରେ ଜିଲ୍ଲା କଂଗ୍ରେସର ବିକ୍ଷୋଭ



କେନ୍ଦ୍ରାପଡ଼ା (ପିଏନ୍): ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ କେନ୍ଦ୍ର ସରକାରଙ୍କ ଆକ୍ରୋଶମୂଳକ ରାଜନୀତିର ପଶାପାଲିରେ ଭାରତୀୟ ଜାତୀୟ କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କୁ ଇ.ଡି.ର ଦୀର୍ଘ ଚାରିଦିନ ଧରି ଜେରା, କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟରେ ଦିଲ୍ଲୀ ପୋଲିସର ମାତ୍ରାଧିକ ବର୍ବରତା ବିରୋଧରେ ଶୁକ୍ରବାର କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କେନ୍ଦ୍ରାପଡା ମୁଖ୍ୟ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲା କଂଗ୍ରେସ ସଭାପତି ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରା କଜଳାସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ମୁଖ୍ୟ ଡାକଘର ସମ୍ମୁଖରେ ପହ ିଥିଲା । ସଭାପତି ଶ୍ରୀ ମହାନ୍ତି କହିଥିଲେ ଯେ ଦୀର୍ଘଦିନ ହେବ ଦେଶରେ ବେରୋଜଗାରୀ, ଦରଦାମ ବୃଦ୍ଧି ବିରୋଧରେ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଘେରିଥିବା ବେଳେ କେନ୍ଦ୍ରର ମୋଦି ସରକାର ଆକ୍ରୋଶ ମୂଳକ ଭାବେ ଇ.ଡି.କୁ ବ୍ୟବହାର କରି ଚୁପ୍ କରିଦେବାର ପ୍ରୟାସ କେବେ ଫଳପ୍ରଦ ହେବନାହିଁ । ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା କଂଗ୍ରେସ ଦଳ ବିରୋଧରେ ଷଡଯନ୍ତ୍ର ଫଳପ୍ରଦ ହେବ ନାହିଁ କାରଣ ଜାତୀୟ କଂଗ୍ରସ ସାଧାରଣ ଜନ ମାନସରେ ଅଛି ବୋଲି କହିଥିଲେ । ପୂର୍ବତନ ମନ୍ତ୍ରୀ ଦିଲ୍ଲୀ ପୋଲିସର ଜାତୀୟ କଂଗ୍ରେସ ମୁଖ୍ୟାଳୟରେ ମାତ୍ରାଧିକ ଅମାନଷିକ ଆଚରଣକୁ ଘୋର ନିନ୍ଦା କରିବା ସଙ୍ଗେ ଆଗାମୀ ଦିନରେ ମୋଦି ସରକାରଙ୍କୁ ଏହା ମହଙ୍ଗା ପଡିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତ ମହାନ୍ତି, ବିଭ୍ରାଂଶୁ ଶେଖର ଲେଙ୍କା, ରତିକାନ୍ତ କାନୁନଗୋ, ରାକେଶ ମହାନ୍ତି, ମଙ୍ଗୁଳି ଚରଣ ବେହେରା, ପ୍ରଦୀପ ପ୍ରଧାନ, ସତ୍ୟପ୍ରିୟ ସାମଲ, ପରଭେଜ ଅକତର, ରାଜେଶ ମହାରଣା, ସୟଦ ଅବଦୁଲ୍ ସ ାର୍, ମଳୟ ଓଝା, ରବି ବେହେରା ବିଜୟ କୁମାର ପଣ୍ଡା, ମଳୟ ଦାସ, ଅମୂଲ୍ୟ ପ୍ରଧାନ, ରବୀନ୍ଦ୍ର ସାମଲ, ଉମେଶ ତ୍ରିପାଠୀ, ଜ୍ୟୋତିରଞ୍ଜନ ପରିଡା, ଚିତ୍ରସେନ ପରିଡା, ଜିଲ୍ଲା କଂଗ୍ରେସ ଉପସଭାପତି ସଞ୍ଜୟ ରାଉତ, କମଳାକାନ୍ତ ବେହେରା, ଅବିନାଶ ଲେଙ୍କା, ରବିନାରାୟଣ ପରିଡା, ସର୍ବେଶ୍ୱର ସେଠୀ, କେନ୍ଦ୍ର ସରକାରଙ୍କୁ କଡା ଚେତାବନି ଦେଇଥିଲେ । ସାଧାରଣ ସମ୍ପାଦକ ମିର୍ ମୁରସିଦ୍, ମହାକାଳ ପଡା ଯୁବ କଂଗ୍ରେସ ସଭାପତି ରତିକାନ୍ତ ବେହୁରା, କେନ୍ଦ୍ରାପଡା ଯୁବ କଂଗ୍ରେସ ସଭାପତି ରତିକାନ୍ତ ସାମଲ, ପ୍ରଭାକର ସାହୁ, ନଗର ଯୁବ କଂଗ୍ରେସ କ୍ଷୋଭ ପରିଚାଳନା କରିଥିବା ବେଳେ ବରିଷ୍ଠ କଂଗ୍ରେସ ନେତା, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ ଦାସ ବିକ୍ଷୋଭକୁ ସଫଳ କରାଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାଟ୍ୟ କଳାକାର ଉତ୍ସବ ସାମଲଙ୍କ ଦେହାନ୍ତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅଧିନସ୍ଥ ବଜ୍ରସୁନା ରାମାୟଣ କଳାସଂସ୍ଥାର ରାମାୟଣରେ ଦଶରଥ ଭୂମିକା ଏବଂ ରାବଣ ଭୂମିକାରେ ଅଭିନୟ କରୁଥିବା କଳାକାର ଉତ୍ସବ ସାମଲଙ୍କର ୯୧ ବର୍ଷ ବୟସରେ ଜନ୍ମସ୍ଥାନ ଦୁତିଆଳ ଗ୍ରାମରେ ଦେହାନ୍ତ ହୋଇଯାଇଛି । ଖବର ପାଇ ଅଧ୍ୟାପକ ଅଜୟ ସାମଲ, ନାଟ୍ୟସଂସ୍ଥାର ପରିଚାଳକ ଜଗବନ୍ଧୁ କର, ପୂର୍ବତନ ନାଟ୍ୟକାର ହରେକୃଷ୍ଣ ନାୟକଙ୍କ ସମେତ ବହୁ କଳାକାର ତାଙ୍କ ବାସଭବନରେ ପହଁଚି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେ ଜଣେ ସଫଳ କୃଷକ ଏବଂ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ବାପା

ଡ. ମନୋରଞ୍ଜନ ବିଷୋୟୀ



ବାପା... ନିଜ ସୁଖକୁ ମାଟି କରି
ଆମକୁ ବଡ଼ କରିଛ
ନିଜ ରକ୍ତକୁ ପାଣି କରି
ଦିନରାତି ଆମ ପାଇଁ ଖଟିଛ
ଆମେ କିଛି ମାଗିବା ଆଗରୁ
ସବୁକିଛି ଯୋଗାଇ ଦେଇଛ
ଆମକୁ କୋଳେ ଧରି
କେତେ ଗପ କହିଛ
ଆଉ କାନ୍ଧେ ଧରି
ଜହ୍ନମାମୁଁ ଦେଖାଇଛ
ବାପା... ତୁମ କାନ୍ଧଠୁ
ନିରାପଦ ଜାଗା ବାଲ୍ୟକାଳେ



ଆମ ପାଇଁ ଆଉକିଛି
ଏ ଜଗତେ ନଥିଲା ତ
ଆମେ ଦୁଷ୍ଟ ହେଲେ
ଆଖି ଦେଖାଇ
ଆମକୁ ଶାସନ କରିଛ
ଆମ ଆପଦ ବିପଦରେ
ତୁମେ ସାହା ହୋଇଛ
ଆସୁ ଯେତେ ଦୁଃଖ
ତୁମେ ଭରସା ଦେଇଛ
ଆମକୁ ସୁଖରେ ରଖିବାକୁ
ଋଣ ଭାର ସହିଛ
ଆମ ଅଜାଣତେ
କେତେ ଲୁହ ଝରାଇଛ
ଆମେ କାଳେ
ଜାଣିଯିବୁ ଭାବି
ମଧ୍ୟବି ଲୋକର
ନିଅ ିଆ ହସ ହସିଛ
ବାପା ଏପରି କରି
ତୁମେ କ'ଣ ପାଇଛ ?
କେବଳ ଆମ ଶୈଶବର ଅର୍ଦ୍ଦଳି
କୈଶୋରର ଦାବି
ଆଉ ଯୌବନର
ଅଭିମାନ ସହିଛ ।
ସବୁବେଳେ ଆମ କଥା ଚିନ୍ତା କରି
ତୁମେ ବ୍ୟାଧିଗ୍ରସ୍ତ ହୋଇଛ
ରକ୍ତଚାପ ମଧୁମେହ
ସାଥେ ଧରି କାଳ କାଟୁଛ
ଏବେ ତ ଚାକିରିରୁ
ଅବ୍ୟାହତି ନେଇଛ
ସବୁଦିନ ଏବେ ତୁମେ
ଛୁଟିଦିନ ରୂପେ ପାଇଛ
ତୁମ ସ୍ୱାସ୍ଥ୍ୟ ଚିନ୍ତା ଛାଡ଼ି
ଏବେ ବି ଏ ପରିଣତ ବୟସରେ
ଆମ ପାଇଁ କାହିଁକି
ଏତେ ଚିନ୍ତା କରୁଛ ?

*-ସ୍ନାତକୋ ର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ମୋ:୮୮୯୫୧୪୧୭୨୭*


## DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଓଡ଼ିଆ ଭାଷା ସାହିତ୍ୟର ସର୍ବକାଳୀନ ଆଦର୍ଶ ଥିଲେ ବ୍ୟାସକବି ଫକୀରମୋହନ



ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ ଓଡ଼ିଶା ନାଗରିକ ମହାମ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୦୪ତମ ଶ୍ରାଦ୍ଧ ଦିବସ ସ୍ଥାନୀୟ ବାଣୀବିହାରଠାରେ ତାଙ୍କ ପ୍ରତିମୂ ି ସ୍ଥଳରେ ସଫେଇ ସହ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଭିଯାନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରି କହିଥିଲେ ଯେ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସର୍ବକାଳୀନ ଆଦର୍ଶ ସହିତ, ସାହିତ୍ୟ ମାଧ୍ୟମରେ ସମାଜରେ ବ୍ୟାପକ ପରିବ ନ ଆଣିବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ ଫକୀରମୋହନ । ରେବତୀ, ଛ ମାଣ ଆଠଗୁଣ୍ଠ ପ୍ରମୁଖ ତାଙ୍କର ଅମ୍ଳାନ କୃତି । ଏହା ସହିତ ସେ ମତବ୍ୟକ୍ତ କରିଥିଲେ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଆନ୍ଦୋଳନ ଓ ଦାବିକୁ ଗ୍ରହଣ କରି ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ମହାନ୍ ସ୍ୱାଧୀନତା ସଂଗ୍ରାମୀ, ମହାପୁରୁଷମାନଙ୍କ ପ୍ରତିମୂ ିସ୍ଥଳକୁ ସଫାସୁତୁରା ରଖିବା ପାଇଁ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ବାରମ୍ବାର ପ୍ରତିଶୃତି ଦେଇଥିଲେ ମଧ୍ୟ ଆଜି ଓଡ଼ିଆ ଜାତିର ଚିର ବନ୍ଦନୀୟ ମହାପୁରୁଷ ବ୍ୟାସକବି ଫକୀରମୋହନଙ୍କ ୧୦୪ତମ ଶ୍ରାଦ୍ଧ ଦିବସ ଅବସରରେ ତାଙ୍କର ଉତ୍କଳ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ପ୍ରତିଷ୍ଠିତ ପ୍ରତିମୂ ି ସ୍ଥଳର ଅବସ୍ଥା ଥିଲା ଅତି ଦୟନୀୟ । ଓଡ଼ିଶା ନାଗରିକ ମହାମ ର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବିଶ୍ୱାଳ, ସେବାନିବୃତ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ନିରଞ୍ଜନ ପଣ୍ଡା, ଅଭିଯାନ ସଦସ୍ୟ ରୋହିତ କୁମାର ନାୟକ, ଶୀତଳ ମହାନ୍ତି, ଅଜୟ କୁମାର ପଲେଇ, ପୀତବାସ ଜେନା, କୁମାରେଶ ମହାନ୍ତି ପ୍ରମୁଖ ପ୍ରତିମୂ ି ସ୍ଥଳ ସଫେଇ କରିବା ପରେ ବ୍ୟାସକବିଙ୍କ ପ୍ରତିମୂ ିରେ ମାଲ୍ୟାର୍ପଣ ପରେ ଶ୍ରଦ୍ଧାବଚନାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦୃଶ୍ୟ ଶ୍ରାବ୍ୟ ଗଣମାଧ୍ୟମରେ ସରକାରଙ୍କ ନିକଟରେ ପୁନଃ ଦାବି କରାଯାଇ ଚେତାବନୀ ଦିଆଯାଇଛି ଯେ, ଆଗାମୀ ସମୟରେ ଏଭଳି ଅପସଂସ୍କୃତିକୁ ବରଦାସ୍ତ କରାଯିବ ନାହିଁ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି ।

## ୪୨ ଡିଗ୍ରୀ ତାପମାତ୍ରାରେ ପଲିଥିନ ତଳେ ଜୀବନ

ଗୋଳାବନ୍ଧ (ପିଏନ୍): ଅସହ୍ୟ ଗରମ ସହିତ ଗୁଳୁଗୁଳି । ଝାଂଜି ଖରାର ତାତିରେ ତହଳବିକଳ ହେଉଛି ଜୀବନ । ଅଗ୍ନି ବର୍ଷାରେ ଚାଲିଛି ପେଟ ପାଇଁ ନାଟ । କେନ୍ଦୁଝର ଜିଲ୍ଲାର ସବୁଠାରୁ ବଡ ହାଟ ହେଉଛି ଢେଙ୍କିକୋଟ ଶନିବାର ହାଟ । ୪୨ଡିଗ୍ରୀ ତାପମାତ୍ରାରେ ଶନିବାର ଢେଙ୍କିକୋଟ ହାଟରେ ଲୋକସଂଖ୍ୟା ମଧ୍ୟ ଅନେକ ଥିଲେ । ସମସ୍ତେ ତେଲଲୁଣ କିଣାବିକା କରିବାକୁ ହାଟକୁ ଆସିଥିଲେ । ଯିଏ ଯୋଉଠି ଆଶ୍ରା ନେଇ ବିକ୍ରୀବଟା କରୁଥିଲେ । ତେବେ ସେଥିମଧ୍ୟରୁ ଏକ ଛିଣ୍ଡା ପଲିଥିନ ତଳେ ଜଣେ ଡହଡହ ଖରାରେ ଆଳୁ, ପିଆଜ, ରସୁଣ ବିକ୍ରୀ କରୁଥିବା ନଜରକୁ ଆସିଥିଲା । ମାର୍କେଟ୍ ମୂଲ୍ୟରୁ କମ୍ ମୂଲ୍ୟରେ ଜିନିଷ ବିକ୍ରୀ କରୁଥିବାରୁ ଲୋକମାନେ ଖୁସିରେ ନେଉଥିଲେ । ଏତେ ଖରାରେ ବସି ବିକ୍ରୀ କଲାବେଳେ ସେ ହସଖୁସିରେ ଗ୍ରାହକ ମାନଙ୍କୁ ଜିନିଷ ଦେଉଥିଲେ । ସତେ ଯେମିତି ଗ୍ରୀଷ୍ମ ପ୍ରବାହର ଅଗ୍ନିବର୍ଷା ତାଙ୍କୁ ନିକ୍ଷେପ କରୁପାରୁ ନଥିଲା । ତେବେ ପେଟ ପାଇଁ ସବୁକିଛି ସହିବାକୁ ପଡିବ ବୋଲି ସେ ଖୁସିରେ କହିଥିଲେ ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଲିଡରସିପ୍ ଓ ଡିଜିଟାଲ ସ୍କିଲ ତାଲିମ୍ ଶିବିର ଉଦ୍‌ଯାପିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ କ୍ଲାସରେ ଲିଡରସିପ୍ ଓ ଡିଜିଟାଲ ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ୫-ଟି ଆନୁକୂଲ୍ୟରେ ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ଜିଲ୍ଲାର ୧୦୦ ଗୋଟି ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରୀକରଣ କରାଯାଇଥିବା ବେଳେ ଆନନ୍ଦପୁର, ଘଷିପୁରା ଓ ହାଟଡିହି ବ୍ଲକର ୨୧ଗୋଟି ୫-ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ, ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ଗତ ମଇ ୯ତାରିଖଠାରୁ ଆନନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ କ୍ଲାସ୍‌ରେ ଲିଡରସିପ ଓ ଡିଜିଟାଲ ସ୍କୁଲ ତାଲିମ୍ ଆରମ୍ଭ ହୋଇଥିଲା । ମହତାବ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସାହୁ, ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ରାଉତ, ରାଜ୍ୟ ସଂଯୋଜକ ପୂର୍ଣ୍ଣିମା ପଟ୍ଟନାୟକ, କେନ୍ଦୁଝର ଡିପିସି କାର୍ଯ୍ୟାଳୟର ପ୍ରୋଗ୍ରାମର ରଶ୍ମିରଂଜନ ସାହୁ, ଘଷିପୁରା ବିଇଓ ଅଫିସର ସଂଯୋଜକ ସରୋଜକାନ୍ତ କୁଅଁର ପ୍ରମୁଖ ଯୋଗ ଦେଇଥିବା ୫-ଟି ଉଚ୍ଚ ବିଦ୍ୟାଳୟର ୫୦ଜଣ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟତ୍ରୀମାନଙ୍କୁ ଉନ୍ନତମାନର ଶିକ୍ଷା ନେଇ ଲିଡରସିପ୍ ଓ ଡିଜିଟାଲ ସ୍କିଲ ତାଲିମ୍ ପ୍ରଦାନ କରିଥିଲେ । ତା'ପରେ ମେ ୧୩ ତାରିଖରେପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଥିବାବେଳେ ଦିବା ୧୦ ଘଟିକା ଠାରୁ ଅପରାହ୍ନ ୫.୩୦ମିନିଟ୍ ପର୍ଯ୍ୟନ୍ତ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ତାଲିମ୍ ଶିବିରରେ ଯୋଗ ଦେଇଥିବା ସମସ୍ତ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା ।

## ଅବକାରୀ ଚଢାଉ, ୪ ଗିରଫ

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାରାମ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢାଉ କରି ୧୯ଲିଟର ମହୁଲି ଦମ ସହ ୭.୧୫ ଲିଟର ବିଅର ଜବତ କରି ସଂପୃକ୍ତ କାରବାରରେ ୪ଜଣଙ୍କୁ ଗିରଫ କରିଛି । ଅବକାରୀ ନୀରିକ୍ଷକ ପ୍ରଫୁଲ କୁମାର ମହାନ୍ତ, ଉପନୀରିକ୍ଷକ ନରେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଘଷିପୁରା ଥାନା ଅନ୍ତର୍ଗତ କୋଳିମାଟି, ଦରଖୋଳା, କନ୍ତୋ, ଗୋହିରା ପ୍ରଭୃତି ଗ୍ରାମର ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରୀ ଆଡ୍ଡା ଉପରେ ଚଢାଉ କରିଥିଲେ । ଚଢାଉ ବେଳେ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ଅନେକ ସରଂଜାମ ଓ ଚୋରା ମହୁଲି ମଦ ଜବତ କରାଯିବା ସହିତ ୪ଜଣଙ୍କୁ ଗିରଫ କରାଯାଇ ମାମଲା ରୁଜୁ କରାଯାଇଛି । ଏହି ଚଢାଉରେ ଅବକାରୀ କର୍ମଚାରୀ ସଂଜୀବ ସେଠୀ, ସୁଶାନ୍ତ ରାଉତ, ଲକ୍ଷଣ ମହାନ୍ତି, ନିବେଦିତା ମାଝୀ ପ୍ରମୁଖ ସହଯୋଗ କରିଥିଲେ ।




# କୁକୁଡ଼ାଖଣ୍ଡିରେ ବ୍ଲକ ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସହାୟତା ରାଶି ବଣ୍ଟନ

କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର), (ପି.ଏନ): କୁକୁଡାଖଣ୍ଡି ଦଳପତି କଲ୍ୟାଣ ମଣ୍ଡପ ଠାରେ ଦିଗପହଣ୍ଡି ଏବଂ କୁକୁଡାଖଣ୍ଡି ବ୍ଲକ ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଶ୍ରମିକ କଲ୍ୟାଣ ନିମନ୍ତେ ଆସୁଥିବା ଅର୍ଥରାଶି କାର୍ଡ ଧାରିଙ୍କୁ ବ୍ରହ୍ମପୁର ଶ୍ରମକାର୍ଯ୍ୟାଳୟ ତରଫରୁ ଶିକ୍ଷା ସହାୟତା ନିମନ୍ତେ ୪୦୦ରୁ ଉର୍ଦ୍ଧ ଜଣ ହିତାଧିକାରୀଙ୍କୁ ୨୧ ଲକ୍ଷ ୪୫ହଜାର ଟଙ୍କା ମଞ୍ଜୁରୀ ହୋଇଥିବା ବେଳେ, ବିଭାହ ସହାୟତା ବାବଦ କୁ ୨ କୋଟି ୧୧ ଲକ୍ଷ, ପ୍ରସୁତି କାଳୀନ ସହାୟତା ବାବଦ କୁ ୪୦ ହଜାର ଟଙ୍କା, ମୁର୍ତ୍ତ୍ୟୁ କାଳୀନ ସହାୟତା ୧ କୋଟି ୩୭ ହଜାର ଟଙ୍କା ଏଭଳି ବିଭିନ୍ନ ସହାୟତା ରାଶି ସରକାରୀ କାର୍ଯ୍ୟକ୍ରମ ରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ



ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଯୋଗଦେଇ ସହାୟତା ରାଶି ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବ୍ରହ୍ମପୁର ଯୁଗ୍ମଶ୍ରମ ଅଯୁକ୍ତ ସୁମିତ୍ରା ମାଝୀ, ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ନାଥ ତ୍ରିପାଠୀ, ସହକାରୀ ଶ୍ରମ ଅଧିକାରୀ ଶୁଭ ଲକ୍ଷ୍ମୀ ବେହେରା, ବର୍ଷାରାଣୀ ଜେନା, ସୋମନାଥ ପାତ୍ର ଙ୍କ ସମେତ ସନାତନ ସଂଗ୍ରାମ ସିଂ, ଶ୍ରୀକାନ୍ତ ପଣ୍ଡା ଉପସ୍ଥିତ ଥିଲେ ।

# ଜିଲ୍ଲାରେ ଅଚଳାବସ୍ଥାରେ ଚାଲିଛି ଚିକିତ୍ସା ସେବା

ପୁରୀ,(ପି.ଏନ):ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ସହାୟତା ସତ୍ୱେ ପୁରୀ ଜିଲ୍ଲାରେ ଥିବା ପୁରୀ ସଦର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲୋକଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ଦୀର୍ଘ ବର୍ଷ ହେଲା ଏଭଳି ଅଚଳାବସ୍ଥାରେ ଥିବା ଚିକିତ୍ସା ବ୍ୟବସ୍ଥା ବିରୋଧରେ ଶତାଧିକ ଯୁବ କଂଗ୍ରେସ କର୍ମୀ ଅନନ୍ୟା ହୋଟେଲ ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଂଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସୂଚନା ମୁତାବକ,୨୦୧୫ମସିହାରେ ରାଜ୍ୟ ସରକାର ପୁରୀ ସଦର ବାଲିଗୁଆଲି ନିକଟରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଶିଳାନ୍ୟାସ କରିଥିଲେ। ସେବେଠାରୁ ଜିଲ୍ଲାରେ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଉଥିବାର ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି । ଅନ୍ୟ ପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ତ୍ତମାନ ସୁଦ୍ଧା ୩୭୪ଟି ଡାକ୍ତର ପଦବୀ ଥିବା ବେଳେ,ସେଥି ମଧ୍ୟରୁ ୧୬୧ଟି ଡାକ୍ତର ପଦବୀ ଖାଲି ପଡିଛି । ଆବଶ୍ୟକ ଡାକ୍ତର ନଥିବାରୁ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ନିମ୍ନଗାମୀ ହେଉଛି । ସାଧାରଣ ଲୋକେ ବାଧ୍ୟବାଧକତାରେ ବେସରକାରୀ ଡାକ୍ତରଖାନା ଯାଇ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ବ୍ଲକରେ ଥିବା ଡାକ୍ତରଖାନାରେ ଡାକ୍ତର ପଦବୀ ଖାଲି ପଡିଥିବାରୁ ଜଣେ ସାଧାରଣ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିବାକୁ ବାଧ୍ୟ ହେଉଛି । କିନ୍ତୁ ଏଠାରେ ସ୍ୱାସ୍ଥ୍ୟ ସେବା ନ ପାଇଁ ବେସରକାରୀ ନଚେତ ଭୁବନେଶ୍ୱର କିମ୍ବା କଟକ ବଡ ଡାକ୍ତରଖାନା ଯିବାକୁ ବାଧ୍ୟ ହେଉଛନ୍ତି । ଅନ୍ୟ ପକ୍ଷରେ ୨୦୧୫ମସିହା ଜୁଲାଇ ମାସରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଶିଳାନ୍ୟାସ ହୋଇଥିଲା । ଶ୍ରୀଜଗନ୍ନାଥ ମେଡିକାଲ କଲେଜର ନିଜସ୍ୱ ଡାକ୍ତରଖାନା ନିର୍ମାଣାଧିନ ରହିଛି । ଯାହା ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆସନ୍ତା ୩ବର୍ଷ ପାଇଁ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦେବାପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଚଳିତ ବର୍ଷ ରାଜ୍ୟ ଓ କେନ୍ଦ୍ର ସରକାର ପୁରୀ ଜିଲ୍ଲାକୁ ୨୨କୋଟି ୧୪ଲକ୍ଷ ଟଙ୍କା ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଗ୍ରାଂଟ ଦେଇଛନ୍ତି । କୋଟି କୋଟି ଟଙ୍କା ଅନୁଦାନ ସତ୍ୱେ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡି ରହିଛି । ନୂତନ କରି ଶ୍ରୀଜଗନ୍ନାଥ ମେଡିକାଲ କଲେଜକୁ କାର୍ଯ୍ୟକାରୀ କରିବା ସହ ଖାଲି ପଡିଥିବା ଡାକ୍ତର ପଦବୀକୁ ପୂରଣ କରିବା ପାଇଁ ଜିଲ୍ଲା ଯୁବ କଂଗ୍ରେସ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଓ କରି ତାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଶୋଭାଯାତ୍ରାରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶଙ୍କ ନେତୃତ୍ୱରେ ରଶ୍ମିକାନ୍ତ ସାହୁ,ମାନସ ରଞ୍ଜନ ମିଶ୍ର,ସମ୍ପାଦକ,ଅବିନାଶ ମିଶ୍ର,ମନୋଜ ମଣ୍ଡଳ,ଅନିଲ ବେଜ,ସାହିଲ ପୃଷ୍ଟି,ଆଦିତ୍ୟ କୁମାର,ଜଗଦୀଶ ରାଉତ,ସାହିଲ ମହାନ୍ତି,ହେମନ୍ତ ପ୍ରଧାନ,ସୁମିତ ପାଲ,ଅରମାନ ଭଦ୍ର,ଯୁବରାଜ ସିଂ,ବିଶ୍ୱଜିତ ପାତ୍ର ଏବଂ ରାଜେଶ ପଟ୍ଟନାୟକଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀ ଭାଗ ନେଇଥିଲେ ।

# ପାରାଦୀପ ଓପନ କରାଟେ ଚମ୍ପିୟାନସିପ ଅନୁଷ୍ଠିତ

ପାରାଦୀପ,(ପି.ଏନ): ରବିବାର ଦିନ ପାରାଦୀପ ଠାରେ ଆଇଜିକେ କରାଟେ ଆସୋସିଏସନ୍ ଓଡିଶା ପକ୍ଷରୁ ପାରାଦୀପ ଓପନ କରାଟେ ଚମ୍ପିୟାନସିପ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ମଧୁବନସ୍ଥିତ ପୌର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଏହି ଚମ୍ପିୟାନସିପ୍‌କୁ ପାରାଦୀପର ନଗରପାଳ ବସ' କୁମାର ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ବିଜେଡି ଉପସଭାପତି ଜ୍ୟୋତିକା' ପରିଡା, ଟିଏସକେଆଇ କରାଟେ ଆସୋସିଏସନ୍‌ର ସର୍ବଭାରତୀୟ ସଭାପତି ଆଦିତ୍ୟ ମିଶ୍ର ଯୋଗ ଦେଇଥିଲେ । ଆଇଜିକେ କରାଟେ ଆସୋସିଏସନ୍ ଓଡିଶାର ପରିଚାଳନା ସମ୍ପାଦକ ଆଇନଜୀବୀ ତଥା ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୦୦ରୁ ଉର୍ଦ୍ଧ କରାଟେକାମାନେ ଏହି ଚମ୍ପିୟାନସିପରେ ଅଂଶଗ୍ରହଣ



କରିଥିଲେ । ଆଇଜିକେ କରାଟେ ଆସୋସିଏସନ୍ ଓଡିଶାର ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ସଂଜୟ ଶାହା ଚମ୍ପିୟାନସିପକୁ ପରିଚାଳନା କରିଥିଲେ । ଉପ ମୁଖ୍ୟପ୍ରଶିକ୍ଷକ ପ୍ରଶା' କୁମାର ବିଶ୍ୱାସ, କମିଟିର ସଭାପତି ଅବଦୁଲ ଆବିଦ୍ ଖାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପାରାଦୀପ ଭଳି ଛୋଟ ସହରରେ ଏଭଳି ଓପନ କରାଟେ ଚମ୍ପିୟାନସିପର ସଫଳ ଆୟୋଜନକୁ ସମସ୍ତେ ଉଚ୍ଚ ପ୍ରଶଂସା କରିଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନଙ୍କ ସହିତ ପ୍ରଶିକ୍ଷକମାନେ ଯୋଗ ଦେଇ ପ୍ରତିଯୋଗିତାର ସୁପରିଚାଳନା କରିଥିଲେ ।

# ଶ୍ରମିକ ବଦଳରେ ମେସିନ କରୁଛି କାମ

ଛତ୍ରପୁର,(ପି.ଏନ): ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ବ୍ଲକ, ପୋଟଲାମପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ । ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବର୍ଷାଦିନେ ଜଳ ନିଷ୍କାସନରେ ଅନେକ ଅସୁବିଧା ଦେଖାଯାଉଥିଲା । ମେଡିକାଲ ଭିତରେ ଏବଂ ରୋଗୀଙ୍କ ଖଟ ତଳେ ଆଣ୍ଠିଏ ଆଣ୍ଠିଏ ପାଣି ଜମି ରହୁଥିଲା । ଏହାର ସମାଧାନ ପାଇଁ ମେଡିକାଲ ପରିସରରେ ଡ୍ରେନ ନିର୍ମାଣ ପାଇଁ ପ୍ରସ୍ତାବ ରଖି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ଏଠାରେ ନିୟମର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା ।ଶ୍ରମିକଙ୍କ ବଦଳରେ ମେସିନ ଦ୍ୱାରା ଡ୍ରେନ କାମ କରାଯାଉଛି କ୍ଷ ସରକାର ଗ୍ରାମାଞ୍ଚଳରେ ବାସ କରୁଥିବା ଶ୍ରମିକଙ୍କୁ କାମ ଯୋଗାଇ ଦେବା ପାଇଁ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରୁଛନ୍ତି



। ହେଲେ ଶ୍ରମିକଙ୍କ ବଦଳରେ ମେସିନ ଦ୍ୱାରା କାମ କରାଯାଉଥିବା ହେତୁ ଗାଁରେ ଶ୍ରମିକମାନେ କାମ ନ ପାଇ ବେକାର ହୋଇ ବସିବାକୁ ବାଧ ହେଉଛନ୍ତି । ନିୟମ ଅନୁଯାୟୀ N.R.G.S କାର୍ଯ୍ୟରେ କେବଳ ଶ୍ରମିକମାନେ ହିଁ ନିଯୁକ୍ତି ପାଇବେ ଏବଂ କାମରେ କୌଣସି ପ୍ରକାର ମେସିନ ବ୍ୟବହାର ହୋଇପାରିବ ନାହିଁ କ୍ଷ କାମ ଚାଲୁଥିବା ସମୟରେ କାମ ଠିକ ହେଉଛି କି ନାହିଁ ଏବଂ ଶ୍ରମିକଙ୍କ ଦ୍ୱାରା କାମ ହେଉଛି ନା ମେସିନ ଦ୍ୱାରା କାମ ହେଉଛି ତାହା ଗ୍ରାମସାଥି ଉକ୍ତ କାର୍ଯ୍ୟ ନିକଟରେ ଉପସ୍ଥିତ ରହି କାର୍ଯ୍ୟର ତଦାରଖ କରିବେ । କିନ୍ତୁ ବିନା ଶ୍ରମିକରେ ମେସିନ ଦ୍ୱାରା କାମ ହେଉଛି ଏବଂ ସବୁ ଜାଣି ଗ୍ରାମସାଥି ଚୁପ ହୋଇ ବସିଥିବା ସାଧାରଣରେ ଆଲୋଚନା ହେଉଛି । ଉକ୍ତ କାର୍ଯ୍ୟରେ ପି.ଇ.ଓ ,ଜି.ଆର.ଏସ , ଗ୍ରାମ ସାଥି ଏବଂ ଠିକାଦାରଙ୍କ ମଧୁ ଚନ୍ଦ୍ରିକା ରେ ସରକାରଙ୍କ ଆଖିରେ ଧୂଳି ଦେଇ ଶ୍ରମିକଙ୍କୁ ନିଯୁକ୍ତି ନଦେଇ ମେସିନକୁ ନିଯୁକ୍ତି ଦିଆଯାଉଛି । ତେବେ ବ୍ଲକ ପ୍ରଶାସନ ଘଟଣାର ସଠିକ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ନେଚର କେୟାର ଇନିସିଏଟିଭ ଜାତୀୟ ସମ୍ମିଳନୀ : ଜଳାଶୟର ସଂରକ୍ଷଣ ପାଇଁ ପ୍ରତ୍ୟେକ ଭାରତୀୟ ଆଗେଇ ଆସନ୍ତୁ : ଜଷ୍ଟିସ୍ ସୀବ ପାଣିଗ୍ରାହୀ

ଭୁବନେଶ୍ୱର,(ପି.ଏନ): ଭୂତଳଜଳସ୍ତର ହ୍ରାସ ରୋକିବା ନିମନ୍ତେ ପୋଖରୀ ଏବଂ ଜଳାଶୟଗୁଡ଼ିକର ସଂରକ୍ଷଣ ପାଇଁ ପ୍ରତ୍ୟେକ ଭାରତୀୟ ଆଗେଇ ଆସିବାକୁ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ସିବ ପାଣିଗ୍ରାହୀ ଆହ୍ୱାନ କରିଛିଁ । ନେଚର କେୟାର ଇନ୍‌ସିଏଟିଭ୍ ତରଫରୁ ଭୁବନେଶ୍ୱର ସ୍ଥିତ ଲା ଫ୍ରାଙ୍କିଲିନ୍ ହୋଟେଲ ଠାରେ ଆୟୋଜିତ 'କ୍ଲାଇମେଟ ଚେ ଆଣ୍ଡ ରିଜିଲିଆନ୍‌ସ ଡେଭଲପମେଣ୍ଟ' ଶୀର୍ଷକ ଜାତୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଜଷ୍ଟିସ ପାଣିଗ୍ରାହୀ ଯୋଗଦେଇ କହିଥିଲେ ଯେ, କେବଳ ମଣିଷ ହିଁ ପ୍ରକୃତିକୁ ନଷ୍ଟ କରୁଛି । ସମୁଦ୍ରତଟରେ ହେ'ାଳବଣର ସୁରକ୍ଷା ନହେଲେ ଆଗାମୀ ଦିନରେ ଭୟାବହ ପରିସ୍ଥିତି ସୃଷ୍ଟି ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ସାମୁଦ୍ରିକ ବାତ୍ୟାର ଭୟାବହତାରୁ ରକ୍ଷା ପାଇବା ପାଇଁ ହେ'ାଳବଣର ସୁରକ୍ଷା ଅତ୍ୟ' ଜରୁରୀ । ପରିବେଶ ଶିକ୍ଷା କେବଳ କ୍ଲାସ୍ ରୁମ୍‌ରେ ସୀମିତ ନହୋଇ ଫିଲ୍ଡ ଷ୍ଟଡି ମାଧ୍ୟମରେ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ପାଇଁ ଜଷ୍ଟିସ ପାଣିଗ୍ରାହୀ ମରାମର୍ଶ ଦେଇଥିଲେ । ଜଳବାୟୁ ପରିବର୍ତ୍ତନର ଚ୍ୟାଲେଙ୍କୁ ସମ୍ମୁଖୀନ ହେବା ପାଇଁ ଯଦିଓ ସରକାରୀସ୍ତରରେ ବହୁ ଯୋଜନା ଅଛି ସମସ୍ୟାର ସମାଧାନ ତଥା ସଫଳ ରୂପାୟନ ପାଇଁ ଯୋଜନା ଗୁଡ଼ିକର




ପରଫରମାନସ୍ ଅଡିଟି କରିବାକୁ ପରାମର୍ଶ ଦେଇଥିଲେ । ପରିବେଶକୁ ଦୃଷ୍ଟିରେ ରଖି ସହରାଞ୍ଚଳରେ ପ୍ରଚଳିତ ନିୟମର କଡ଼ାକଡ଼ି ପାଳନ, ପ୍ରାକୃତିକ ସମ୍ପଦର ସୁପରିଚାଳନା, ଜଳବାୟୁର ପରିବର୍ତ୍ତନ ସମସ୍ୟାର ନିରାକରଣ ପାଇଁ ଗାନ୍ଧୀଙ୍କ ସବୁଜ ତତ୍ତ୍ୱକୁ ଆପଣାଇବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗଦେଇ କହିଥିଲେ ଯେ, ଓଡ଼ିଶା କ୍ଲାଇମେଟ୍ ଆକ୍ସନ ପ୍ଲାନ ଲାଗୁ କରିବାରେ ଏକ ଅଗ୍ରଣୀ ରାଜ୍ୟ । ସେହିପରି ପ୍ରଥମ ରାଜ୍ୟ ଭାବେ ଗ୍ରୀନ ବଜେଟ ଉପସ୍ଥାପନ ସହ ଗ୍ରୀନ କ୍ଲାଇମେଟ ଫଣ୍ଡ ଗଠନ ହୋଇଛି । ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ବିଗତ ୨୨ ବର୍ଷରେ ରାଜ୍ୟ ୮ଟି ବଡ଼ବାତ୍ୟାର ସମ୍ମୁଖୀନ ହୋଇଛି । ବାତ୍ୟା ପରିସ୍ଥିତିରେ ମଣିଷ ଏବଂ ପଶୁଙ୍କ ଜୀବନ ରକ୍ଷା ପାଇଁ ରାଜ୍ୟ ସରକାର ୫ଶହ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିଛିଁ । ଆଗାମୀ ୭ ବର୍ଷରେ ଓଡ଼ିଶାରେ ୧୦ ହଜାର ମେଗାୱାଟ ସବୁଜ ବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟ ରହିଛି ଯାହାକି ପରିବେଶ ସୁରକ୍ଷା ଦିଗରେ ଓଡ଼ିଶା ସରକାରଙ୍କର ବଡ଼ ପଦକ୍ଷେପ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ସୂଚନା ଆୟୁକ୍ତ ସୁଶା' କୁମାର ମହାଁ ଯୋଗ ଦେଇ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁ ନଭେମ୍ବର ମାସ ତୃତୀୟ ସପ୍ତାହରେ ଗରମ ଅନୁଭବ ହେଉଛି । ପ୍ରଦୂଷଣ ଯୋଗୁଁ ଲୋକମାନେ ମାସ୍କ ପିନ୍ଧି ବୁଲୁଛିଁ । ପ୍ରଦୂଷଣ ପାଇଁ ଆମେ ନିଜେ ଦାୟୀ । ଏ ଦିଗରେ ମାନବ ସମାଜ ସଚେତନ ନହେଲେ ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ । କେବଳ ସରକାର ଏବଂ କୌଣସି ଅନୁଷ୍ଠାନ କାର୍ଯ୍ୟ କଲେ ହେବନାହିଁ ଏଥିପାଇଁ ବ୍ୟକ୍ତିଗତ ଭାବେ ସମସ୍ତେ ଉଦ୍ୟମ କରିବା ନିମ' ଶ୍ରୀ ମହାଁ ଆହ୍ୱାନ ଦେଇଥିଲେ । ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀକା' ଶେଖର ସାହୁ କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ । ଅନୁଷ୍ଠାନର ପରାମର୍ଶଦାତା ଦୁର୍ଗାପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପାଳିତ, ଜାଭିୟର ବିଶ୍ୱବିଦ୍ୟାଳୟର ଡିନ୍ ଡ. ସୁତପା ପତି ଓ ଆଇଆଇଟି ଭୁବନେଶ୍ୱରର ଆସୋସିଏଟ ପ୍ରଫେସର ସନ୍ଦିପ ପଟ୍ଟନାୟକ ଯୋଗ ଦେଇଥିଲେ ।

# ଏସ.ଏସ.ଭି ଏମ ର ୩୫ତମ ବାର୍ଷିକ କ୍ରିଡ଼ା ପ୍ରତିଯୋଗିତା

ଫୁଲବାଣୀ :(ସୂର୍ଯ୍ୟ ନାରାୟଣ ବେହେରା),(ପି.ଏନ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ଫୁଲବାଣୀର ୩୫ତମ ବାର୍ଷିକ କ୍ରିଡ଼ା ସମାରୋହ ସ୍ଥାନୀୟ ମାଦିକୁନ୍ଦା ରିଜର୍ଭ ପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରିଜର୍ଭ ଇନ୍‌ସପେକ୍ଟର ବୀର ସିଂ ଶବର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଭାପତି ବ୍ରଜବନ୍ଧୁ ମଲ୍ଲିକ, ସମ୍ପାଦକ ଟି.ଶିବଶଙ୍କର ପାତ୍ର,ଉପଦେଷ୍ଟା



ଆଇନଜୀବୀ ହରିଶ୍ଚନ୍ଦ୍ର ମହାରଣା, ଶୈକ୍ଷିକ ସଭାପତି ବାସୁଦେବ ପ୍ରହରାଜ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ ଏବଂ ବିଦ୍ୟାଳୟରପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସେହିପରି ସମାରୋପ କାର୍ଯ୍ୟକ୍ରମରେ ଉପରୋକ୍ତ ସମସ୍ତ ଅତିଥିଙ୍କ ସମେତ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧାପକ ମୁରଲୀ ଧର ସେଠୀ,ସମ୍ମାନିତ ଅତିଥି ରଙ୍କନିଧି ବେହେରା(ଅତିରିକ୍ତ ସମ୍ପାଦକ, ଭାରତ ସ୍କାଉଟ ଓ ଗାଇଡ୍) ଓ ଶୈକ୍ଷିକ ସଦସ୍ୟ ଶିବାଜୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ କ୍ରୀଡ଼ାର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ ।ପ୍ରାୟ ୧୦୦୦ଜଣ ଶିଶୁ ଉକ୍ତ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ ।ପ୍ରାକ ବିଭାଗରେ ଚମ୍ପିୟାନ ହେମରାଜ ପ୍ରଧାନ(୨ୟ ଶ୍ରେଣୀ), ଅନନ୍ୟା ସାହୁ(୨ୟ ),ଶିଶୁ ବିଭାଗରେ ଚମ୍ପିୟାନ ଦିବ୍ୟାସ୍ପଶା ପରିଡ଼ା(୫ମ), ଅରମାନ ବେହେରା(୫ମ),ବାଲ ବିଭାଗର ଚମ୍ପିୟାନ ଶ୍ରବଣ କହଁର(୮ମ),ପ୍ରଜ୍ଞା ପରିମିତା ମଲ୍ଲିକ(୭ମ)ଓ ମାନସୀ ବିରୁଆ(୭ମ),କିଶୋର ବିଭାଗର ସେହିପରି ଓମ ଚନ୍ଦ୍ର କହଁର(୧୦ମ)ଓ ପ୍ରିୟଙ୍କା ବେହେରା(୧୦ମ) ଚମ୍ପିୟାନ ଭାବେ କୃତିତ୍ୱ ହାସଲ କରିଥିଲେ ।

# ଓଡ଼ିଶାର ୧ କୋଟି ପିଲାଙ୍କ ଭବିଷ୍ୟତକୁ ଗଢିବା ସହ ତାଙ୍କ ମନରେ ବଢୁଥିବା ଆତ୍ମବିଶ୍ୱାସ ଶିଖରକୁ ନେବା ଆମ ସମସ୍ତଙ୍କ ଦାୟିତ୍ୱ: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ପ୍ରାୟ ୧ କୋଟି ପିଲାଙ୍କ ଭବିଷ୍ୟତକୁ ଗଢିବା ସହ ତାଙ୍କ ମନରେ ବଢୁଥିବା ଆତ୍ମବିଶ୍ୱାସ ଶିଖରକୁ ନେବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ରବିବାର ଭୁବନେଶ୍ୱର ଠାରେ ଓଡିଶାର ୬୩ଟି କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମହତ୍ୱକାଂକ୍ଷୀ ପିଏମ ଶ୍ରୀ ଯୋଜନାକୁ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ପ୍ରାୟ ୨୮ ହଜାର କୋଟି ଟଙ୍କା ବ୍ୟୟବରାଦରେ ସମଗ୍ର ଦେଶରେ ୧୪ ହଜାର ୫୦୦ରୁ ଅଧିକ ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ ବା ପିଏମ ଶ୍ରୀ ସ୍କୁଲ ପ୍ରତିଷ୍ଠାର ଲକ୍ଷ୍ୟ ନେଇ ୨୦୨୨ ସେପ୍ଟେମ୍ବର ୭ରେ ପିଏମ ଶ୍ରୀ ଯୋଜନାର ଶୁଭାରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ସାଢେ ୬ ହଜାର ସ୍କୁଲର ଚୟନ ସରିଛି ଏବଂ ଖୁବ ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୪ ହଜାର ସ୍କୁଲକୁ ଚୟନ କରାଯିବ । ଆଜି ଓଡ଼ିଶାରେ ଥିବା ୯୭ଟି କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ମଧ୍ୟରୁ ପ୍ରାୟ ୬୩ଟି ତଥା ୩୭ କେନ୍ଦ୍ରୀୟ ବିଦ୍ୟାଳୟ ଓ ୨୬ଟି ନବୋଦୟ ବିଦ୍ୟାଳୟକୁ ଆଜି ଠାରୁ ପିଏମ – ଶ୍ରୀ ସ୍କୁଲ ଭାବେ ଅନ୍ତର୍ଭୁକ୍ତ କରାଯାଇଛି । ୨୦୨୩-୨୪ ବର୍ଷ ପାଇଁ ଏହି ସ୍କୁଲ ପାଇଁ ପାଖାପାଖି ୫୦.୮ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ସେଥିମଧ୍ୟରୁ ୧୨.୭ କୋଟି ଟଙ୍କା ଏହି ବିଦ୍ୟାଳୟଗୁଡ଼ିକୁ ପ୍ରଥମ କିସ୍ତିରେ ପ୍ରଦାନ କରାଯାଇଛି । ୩୭ଟି କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ମୋଟ ୭.୨୭ କୋଟି ଟଙ୍କା ଏବଂ ୨୬ଟି ନବୋଦୟ ବିଦ୍ୟାଳୟ ପାଇଁ ୫.୪୩ କୋଟି ଟଙ୍କା ବ୍ୟୟ କରାଯାଇ ସ୍କୁଲର ଉନ୍ନତିକରଣ ଆରମ୍ଭ କରାଯିବ ।ପିଲା ମାନଙ୍କ



ଦକ୍ଷତା ବୃଦ୍ଧି ସହ ସେମାନଙ୍କର ବୈଜ୍ଞାନିକ ମନୋଭାବକୁ ବଢାଇବା ପାଇଁ ଏବଂ କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ବଢାଇବା ସହ ସବୁ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢାଇବା ଦିଗରେ ପିଏମ ଶ୍ରୀର ଯୋଜନା । ଏହି ସ୍କୁଲ ଗୁଡିକ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ହୋଇଥିବା ପାଠ୍ୟକ୍ରମ ଓ ପାଠପଢାର ପଦ୍ଧତି, ଶିକ୍ଷକ ମାନଙ୍କର ପରିବର୍ଦ୍ଧିତ ଦକ୍ଷତାକୁ ଗୋଟିଏ ସ୍କୁଲରେ ପରିପ୍ରକାଶ କରିବ । ସ୍କୁଲ ଗୁଡିକୁ ପ୍ରତିଯୋଗିତା ଆଧାରରେ ରାଜ୍ୟମାନେ କେନ୍ଦ୍ରକୁ ନାଁ ପଠାଇବାର ଆବଶ୍ୟକତା ଅଛି । ମାତ୍ର ଓଡ଼ିଶା ସରକାର ପିଏମ ଶ୍ରୀ ପାଇଁ ଏମଓୟୁ କରିନାହାନ୍ତି । ଏଥିପାଇଁ ଗତ ୧ ବର୍ଷ ମଧ୍ୟରେ ୩ ଥର ବ୍ୟକ୍ତିଗତ ଭାବରେ ଚିଠି ଲେଖାଯାଇଛି । କୌଣସି ନା କୌଣସି କାରଣରୁ ଓଡ଼ିଶା ଏହି ଯୋଜନା ଲାଗୁ କରୁନାହାନ୍ତି । ଗୋଟିଏ ଦୁଇଟି ରାଜ୍ୟ ରାଜନୈତିକ ଉଦ୍ଦେଶ୍ୟ ରଖି ପିଏମ ଶ୍ରୀ ଯୋଜନା ଲାଗୁ କରୁନାହାନ୍ତି । ସେ ରାଜ୍ୟ ଗୁଡ଼ିକ ଭଳି ଓଡ଼ିଶା ସରକାରଙ୍କର ଏଥିରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନଥିବ ବୋଲି ଭାବୁଛି ।ଏହି ମର୍ମରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ସରକାରୀ ସ୍କୁଲରେ ପ୍ରଧାନମନ୍ତ୍ରୀଙ୍କ ମହତ୍ୱକାଂକ୍ଷୀ ଯୋଜନା ପିଏମ ଶ୍ରୀ ଯୋଜନାକୁ ଲାଗୁ କରିବା ପାଇଁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ପିଏମ ଶ୍ରୀ ଯୋଜନା ଓଡ଼ିଶା ସରକାର ଲାଗୁ କଲେ ଓଡ଼ିଶାର ପ୍ରତ୍ୟେକ ବ୍ଲକ ଏବଂ ପୌରାଞ୍ଚଳରେ ଦୁଇଟି ଲେଖାଏ ସ୍କୁଲକୁ ପିଏମ ଶ୍ରୀସ୍କୁଲରେ ବିକଶିତ କରାଯିବ । ଗୋଟିଏ ସ୍କୁଲରେ ୨ କୋଟି ଟଙ୍କାର ଅନୁଦାନର ଦାୟିତ୍ୱ ନେବେ କେନ୍ଦ୍ର ସରକାର । ଓଡ଼ିଶାରେ ପ୍ରାୟ ୮୦୦ଟି ସରକାରୀ ସ୍କୁଲ ପିଏମ ଶ୍ରୀ ସ୍କୁଲରେ ବିକଶିତ ହେବା ସହ ୫ ବର୍ଷରେ ୧୬୦୦ କୋଟିରୁ ଅଧିକ ଟଙ୍କା ଆସିବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାରେ ସର୍ବମୋଟ ୬୨, ୨୯୧ ସ୍କୁଲ ଥିବା ବେଳେ ମୋଟ ଛାତ୍ରଛାତ୍ରୀ ସଂଖ୍ୟା ହେଉଛି ୭୬ ଲକ୍ଷ । ସରକାରୀ ସ୍କୁଲ ୪୯,୦୭୨ଟି ଥିବା ବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହେଉଛି ୫୩ ଲକ୍ଷ । ଉଚ୍ଚ ଶିକ୍ଷାରେ ପଢୁଥିବା ଛାତ୍ରଛାତ୍ରୀ ସଂଖ୍ୟା ୧୧ ଲକ୍ଷ । ସାମଗ୍ରିକ ଭାବେ ଓଡିଆ ପିଲା ମାନଙ୍କୁ ବୈଶ୍ୱିକ ନେତୃତ୍ୱ ଦେବା ପାଇଁ ପ୍ରସ୍ତୁତ କରାଇବାକୁ ହେବ । ଓଡିଶାରୁ ବିଶ୍ୱକୁ ବିଜୟ କଲା ଭଳି ପିଲା ତିଆରି ହେବେ । ଏଥିରେ ବାଛ ବିଚାର ଏବଂ ଭେଦଭାବ ନ ହେବା ଉଚିତ । ମୁଖ୍ୟମନ୍ତ୍ରୀ ଏହା ଉପରେ ସହୃଦୟ ସହ ବିଚାର କରନ୍ତୁ । ରାଜନୀତି ତା ବାଟରେ ଥାଇପାରେ । ପ୍ରତିଯୋଗିତା ତା' ବାଟରେ ଥାଇପାରେ । କିନ୍ତୁ ୧ କୋଟି ଓଡ଼ିଆ ପିଲା ମାନଙ୍କୁ ତାଙ୍କ ଭବିଷ୍ୟତ ତିଆରି କରିବା ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାର ଆବଶ୍ୟକତା ଅଛି । ଓଡ଼ିଶା ସରକାର ଏଥିପ୍ରତି ଯତ୍ନବାନ ହେବେ ବୋଲି ବିଶ୍ୱାସ ।୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ପୂରଣ କରିବାକୁ ହେଲେ ଆମର ଶିକ୍ଷା କ୍ଷେତ୍ରକୁ ଆଗକୁ ନେବା ପାଇଁ ପଡିବ । ବିଶେଷ ଭାବରେ ଗ୍ରାମାଞ୍ଚଳର ପିଲା ମାନଙ୍କୁ ଏକବିଂଶ ଶତାବ୍ଦୀରେ ଉଚ୍ଚଶିକ୍ଷିତ କରି ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାକୁ ହେବ । ଜାତୀୟ ଶିକ୍ଷା ନୀତିର ବିଚାରରେ ଯୁବପିଢିଙ୍କୁ ବୈଶ୍ୱିକ ନାଗରିକ ଭାବରେ ବିକଶିତ କରାଯିବ, ଯେଉଁମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନରେ ସୂତ୍ର ବାହାର କରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Saturday November 25, 2023 ଭୁବନେଶ୍ବର ଶନିବାର , ନଭେମ୍ବର ୨୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# କାର୍ଯ୍ୟ ଦକ୍ଷତାର ପ୍ରଥମରୁ ଅଷ୍ଟମ ସ୍ଥାନକୁ ଖସିଲା କେଗାଁ କେନ୍ଦୁପତ୍ର ରେଞ୍ଜ



ଗୋଲାମୁଣ୍ଡା (ପି ଏନ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ କେନ୍ଦୁପତ୍ର ରେଞ୍ଜ ସାରା ଓଡ଼ିଶାରେ ନିଜର ପାରଦର୍ଶିତା ପାଇଁ ପ୍ରଥମ ସ୍ଥାନରେ ଥିଲା ବର୍ତ୍ତମାନ ତାହା ପୁଣି ଖସିଆସିଛି ଅଷ୍ଟମ ସ୍ଥାନକୁ ଏ ନେଇ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି । ବିଗତ ୫ ବର୍ଷରୁ କେଗାଁ କେନ୍ଦୁପତ୍ର ରେଞ୍ଜ ସାରା ଓଡ଼ିଶାରେ ପ୍ରଥମ ସ୍ଥାନ ପାଇଥିଲେ ହେଲେ ବର୍ତ୍ତମାନ ଅଷ୍ଟମ ସ୍ଥାନକୁ ଖସିଆସିଛି । ଏହା ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ ଅତି ଜରୁରୀ ହୋଇପଡିଛି । ରେଞ୍ଜର ଜୟନାରାୟଣ ଯୋଶୀ ଦାୟିତ୍ୱ ନେବା ପୂର୍ବରୁ କେନ୍ଦୁପତ୍ର ଉତ୍ପାଦନ ବହୁପରିମାଣରେ ବଢିଥିଲା । ସେହି ସମୟରେ କେନ୍ଦୁପତ୍ର ତୋଳାଳୀମାନେ କେନ୍ଦୁପତ୍ର ବିଭାଗ ଜରିଆରେ ସଠିକ ରୂପେ ସଠିକ ପରିମାଣରେ ସହାୟତା ପାଇପାରୁଥିଲେ ଯାହା କେନ୍ଦୁପତ୍ର ତୋଳାଳୀମାନେ ପ୍ରକାଶ କରିଥିଲେ । ବର୍ତ୍ତମାନ ସେଭଳି ସହାୟତା ନ ମିଳିବା ନେଇ ସ୍ଥାନୀୟ କେନ୍ଦୁପତ୍ର ତୋଳାଳୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି । ବର୍ତ୍ତମାନ ଦାୟିତ୍ୱରେ ଥିବା ରେଞ୍ଜର ଜୟନାରାୟଣ ଯୋଶୀ ନିୟମିତ କାର୍ଯ୍ୟାଳୟକୁ ଆସୁନଥିବା ଲୋକଲୋଚ଼ନରେ ଚ଼ର୍ଚ୍ଚା ହେଉଛି । ଏ ନେଇ କେନ୍ଦୁପତ୍ର ବିଭାଗ ଦାୟିତ୍ୱରେ ଥିବା ମୁନ୍ସୀ ଓ ଚେକର ମାନେ ରେଞ୍ଜର ଅନୁପସ୍ଥିତ ଥିବା କଥା ଗତ ଚ଼ାରିମାସ ତଳେ ମୁହଁ ଖୋଲିଥିଲେ । କେଗାଁ ରେଞ୍ଜରଙ୍କ ଅନୁପସ୍ଥିତ ଓ ଅପାରଗତା କାର୍ଯ୍ୟ ପାଇଁ ଆଜି କେଗାଁ ରେଞ୍ଜ ପ୍ରଥମରୁ ଅଷ୍ଟମ ସ୍ଥାନକୁ ଖସିଆସିଛି ବୋଲି ସ୍ଥାନୀୟ ବୁଦ୍ଧିଜୀବି ମହଲରେ ଚ଼ର୍ଚ୍ଚା ହେଉଛି । ଏପଟେ ସରକାରୀ ନିୟମ ଅନୁଯାୟୀ ଜଣେ କର୍ମଚ଼ାରୀ ଗୋଟିଏ ସ୍ଥାନରେ ତିନି ବର୍ଷ କାର୍ଯ୍ୟ କରି ଅନ୍ୟତ୍ର ବଦଳି ବ୍ୟବସ୍ଥା ଥିବା ବେଳେ ଏଠାରେ ରେଞ୍ଜର ଜୟନାରାୟଣ ଯୋଶୀ ଦୀର୍ଘ ୬ବର୍ଷ ଧରି କାର୍ଯ୍ୟ ତୁଲାଉଛନ୍ତି । କର୍ମଚ଼ାରୀ ମାନେ ଗୋଟିଏ ସ୍ଥାନରେ ଦୀର୍ଘଦିନ ଧରି ରହିଲେ ଏକଛତ୍ରବାଦ ନୀତି ଆପଣେଇ ଥାନ୍ତି ଯାହାଫଳରେ କି ରେଞ୍ଜର ଖରିଆରସ୍ଥିତ ନିଜ ଘରେ ରହି ସରକାରୀ ଦସ୍ତାବିତଗୁଡିକ ଆଣିବାକୁ ତଳିଆକର୍ମଚ଼ାରୀଙ୍କୁ ଆଦେଶ କରୁଥିବା ଜଣାପଡ଼ିଛି । ସେଭଳି ଗତବର୍ଷ ଦେଖାଦେଇଥିଲା ନିଜର ତଳିଆକର୍ମଚ଼ାରୀ କେତେକ ଦସ୍ତାବିତ ଧରି ରେଞ୍ଜରଙ୍କ ପାଖକୁ ଯାଇଥିଲେ । କାମସାରି କେଗାଁ ଅଫିସକୁ ଫେରୁଥିବା ବେଳେ ଚ଼ାନ୍‌ଦୋତାରା ପାଖରେଏକ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ସିନ୍ଧ ?କେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିକରିଥିଲେ ବୋଲି ବିଭାଗୀୟ କର୍ମଚ଼ାରୀଙ୍କ ପକ୍ଷରୁ କୁହାଯାଇଛି । ଏଭଳି ସ୍ଥିତିରେ ତଳିଆକର୍ମଚ଼ାରୀଙ୍କ କୌଣସି ମୃତ୍ୟୁ ଘଟେ ରେଞ୍ଜର ଦାୟୀ ରହିବେ କି ଏନେଇ ପ୍ରଶ୍ନବାଚ଼ି ସୃଷ୍ଟି ହେଉଛି । ଓଡ଼ିଶାର ସମସ୍ତ କେନ୍ଦୁପତ୍ର ରେଞ୍ଜଗୁଡିକରୁ କର ଆଦାୟ ହେଉଥିବା ବେଳେ କେଗାଁ ରେଞ୍ଜର ଚ଼ଳିତ ବର୍ଷ କେନ୍ଦୁପତ୍ର କିଣିବାକୁ କେତେକ ବେସରକାରୀ କମ୍ପାନୀକୁ ଅନୁମତି ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଜୋର ଧରିଥିଲା ଏହା ସହ ସରକାରଙ୍କ ରାଜକୋଷକୁ ଯିବା ଟଙ୍କାକୁ ଆତ୍ମସାତ କରାଯାଉ ନାହିଁ ତ ବୋଲି ସନ୍ଦେହ ଉପୁଜିଛି । କଳାହାଣ୍ଡିର ସମସ୍ତ ରେଞ୍ଜରେ ପତ୍ରବନ୍ଦାଳୀ ମାନଙ୍କ ପାଉଣା ହାତରେ ପୈଠ ହେଉଥିବା ବେଳେ ଏଠାରେ ବ୍ୟାଙ୍କ ଜରିଆରେ ପୈଠ କରାଯାଉଛି । ଏ ନେଇ ପତ୍ରବନ୍ଦାଳୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । କିଛିଦିନ ତଳେ ରେଞ୍ଜରଙ୍କ ବିରୁଦ୍ଧରେ ଅନେକ ଖବରକାଗଜରେ ପ୍ରକାଶିତ ହୋଇଥିଲା ହେଲେ ରେଞ୍ଜରଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ । ଏପଟେ ରେଞ୍ଜରଙ୍କ ମୁଣ୍ଡରେ ଉପରିସ୍ଥ କର୍ମଚ଼ାରୀଙ୍କ ଆଶୀର୍ବାଦ ଥାଇପାରେ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚ଼ନା ହେଉଛି । ବର୍ତ୍ତମାନ ଏନେଇ ଏକ ଉଚ୍ଚ଼ସ୍ତରୀୟ ତଦନ୍ତ କରି ରେଞ୍ଜରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

## କ୍ରାନ୍ତିକାରୀ ସହିଦ ବିର୍ସାମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ପାଳନ

ସେମିଳିଗୁଡା, (ପି.ଏନ୍) ଆଜି କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଓଡିଶାର ଉଚ୍ଚ଼ତମ ପର୍ବତ ଦେଓ ମାଳି ଠାରେ ୧୪୮ ତମ କ୍ରାନ୍ତିକାରୀ ବିର୍ସାମୁଣ୍ଡା ଙ୍କ ଜୟନ୍ତୀ ଅବସରରେ ମୁଖ୍ୟ ଅଥିତି ଶ୍ରୀ ଚୈତନ୍ୟ ନନ୍ଦିବାଲି ଯୋଗ ଦେଇଥିବା ବେଳେ ବିର୍ସା ମୁଣ୍ଡାଙ୍କ ଜୀବନୀ ବିଷୟରେ ପ୍ରାଞ୍ଜଳ ଭାବରେ ନିଜର ବକ୍ତବ୍ୟ ରଖିଥିଲେ, ଏଥିରେ ସମ୍ମାନୀୟ ଅଥିତି ଭାବେ କୋରାପୁଟ ଜନ ସୁରକ୍ଷା ସଙ୍ଘ ସଭାପତି, ଶ୍ରୀ ଦାସୀ ନନ୍ଦିବାଲି, ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲ, ଡମ ସମାଜ ସଭାପତି ଶ୍ରୀ ନିରଞ୍ଜନ ଖିଲ, ଭକ୍ତ ପଟ୍ଟନାୟକ, ରାମ ମୁଦୁଲି, ଏବଂ ବିଶିଷ୍ଟ ଅତିଥି ଜଗଦିଶ ଯାଦବ ଉପସ୍ଥିତ ଥିଲେ ଏଥିରେ ଦୁଧାରୀ, ଉପର କଣ୍ଟି, କୋଟିଆ ପଂଚ଼ାୟତ ବାସୀ ଉପସ୍ଥିତ ଥିଲେ ଏବଂ ଦେଓମାଳୀ ସୁରକ୍ଷା ସଙ୍ଘ ତରଫରୁ ଆୟୋଜନ କରାଯାଇଥିଲା ଓ ଯୀଶୁଦାନ ଦିଶାରୀ, ଓ ସଙ୍ଘ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ନିମାପଡା ବିଜେପିର ଜନ ଆକ୍ରୋଶ ଆନ୍ଦୋଳନ

ନିମାପଡା,(ପି.ଏନ) : ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ଶାଗ ମାଛ ଦରରେ ଅଣ ଓଡ଼ିଆ ବ୍ୟବସାୟୀ ମାନଙ୍କ ହାତରେ ଟେକି ଦିଆଯାଇଛି ।କିନ୍ତୁ ଓଡ଼ିଶାର ଯୁବକ ମାନେ ରାଜ୍ୟରେ ଚ଼ାକିରି ନ ପାଇ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି ।'ଆମ ଓଡିଶା ନବୀନ ଓଡିଶା' ନାମରେ ଆଉ ଏକ ଦୁର୍ନୀତିର ପେଡି ଖୋଲି ବିଜୁ ଜନତା ଦଳର କର୍ମୀ ମାନଙ୍କୁ ନିର୍ବାଚ଼ନ ଖର୍ଚ୍ଚ ଦେବାର ମସୁଧା କରାଯାଇଛି ।ଦୀର୍ଘ ୨୩ବର୍ଷ ଧରି ଓଡ଼ିଶାରେ ଚ଼ାଲିଥିବା ବିଜେଡି ସରକାରର ଲମ୍ବା ଦୁର୍ନୀତିର ତାଲିକା ରାଜ୍ୟ ବାସୀଙ୍କୁ ଅଛପା ନାହିଁ । ସେହିପରି ନିମାପଡାରେ ବିଜେଡିର ୧୫ବର୍ଷର ଶାସନ କାଳରେ ଅନେକ ଦୁର୍ନୀତି ଓ ଭ୍ରଷ୍ଟାଚ଼ାର ହୋଇଛି ।ପ୍ରତ୍ୟେକ ଗ୍ରାମପଞ୍ଚାୟତ ଓ ବ୍ଲକ ଠାରୁ ଆରମ୍ଭ କରି ସଚ଼ିବାଳୟ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି ଓ ଭ୍ରଷ୍ଟାଚ଼ାର ବଢି ଚ଼ାଲିଛି ।ଗତ ୯ବର୍ଷରେ ରାଜ୍ୟକୁ କେନ୍ଦ୍ରର ମୋଦି ସରକାର ଦେଇଛନ୍ତି ୧୮.୮୩ ଲକ୍ଷ୍ୟ ଟଙ୍କା ।କିନ୍ତୁ ଓଡିଶାରେ ବର୍ଷକୁ ୧ଲକ୍ଷ କୋଟି ଟଙ୍କା ଲୁଟ ହେଉଛି ।ଏହି ଲୁଟରେ ଅଣଓଡ଼ିଆ ଅଫିସର, ଠିକାଦାର ଓ ବ୍ୟବସାୟୀ ସମ୍ପୃକ୍ତ ।୫୦%କମିଶନ ଟଙ୍କାରେ ମାଲେମାଲ ବିଜେଡି ମନ୍ତ୍ରୀ ଓ କୁଜିନେତା । ଅନ୍ୟପଟେ ଓଡ଼ିଆ ଲୋକମାନେ ଆଜି ନିର୍ଯ୍ୟାତିତ, ଯୁବକମାନେ ପ୍ରତାରିତ,ମହିଳା ମାନେ ଅସୁରକ୍ଷିତ । ଦୁର୍ନୀତି,ବ୍ୟଭିଚ଼ାର ଓ ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସାଧାରଣ ଓଡ଼ିଆ ଲୋକମାନେ ଆଜି ଅଣନିଶ୍ୱାସୀ ।ଓଡ଼ିଶାରେ ଚ଼ାଲିଥିବା ଦୁର୍ନୀତି ବ୍ୟଭିଚ଼ାର ଶାସନ ବ୍ୟବସ୍ଥା ବିରୋଧରେ ଏହି ଜନ ଆକ୍ରୋଷ ଆନ୍‌ଦୋଳନ ଆରମ୍ଭ ହୋଇଛି ।ଏ ଘେରାଉ କାର୍ଯ୍ୟକ୍ରମ କେବଳ ଏକ ଆନ୍‌ଦୋଳନ ନୁହେଁ ଏହା ହେଉଛି ସାଧାରଣ ଜନତାଙ୍କ ଅସନ୍ତୋଷର ପ୍ରତିଫଳନ ବୋଲି ବିଜେପିର ବରିଷ୍ଠ ନେତା ଗୋଲକ ନାୟକ ତାଙ୍କ ଭାଷଣରେ କହିଥିଲେ ।ଆଜି ନିମାପଡା ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ଯୋଗ ଦେଇ ଗୋଲକ ନାୟକ କହିଛନ୍ତି ନବୀନ ସରକାର ରେ ଅପରାଧୀଙ୍କ ଭୂସ୍ୱର୍ଗ ପାଲଟିଛି ଓଡିଶା ।ତନ୍ମଧ୍ୟରୁ ନିମାପଡାର ବିଧାୟକଙ୍କ ନାମରେ ଯୌନ ନିର୍ଯାତନାର ଅଭିଯୋଗ ସହିତ ସାଥିରେ ଗୁଣ୍ଡା ମାନଙ୍କୁ ଧରି ବୁଲିବା ଏବଂ ଅନେକ ଅପରାଧିକ ମାମଲାରେ ଜଡିତ ରହିବା ସତ୍ୱେ କେଉଁ ଗୋଟିଏ ଘଟଣାରେ ବି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରୁନାହିଁ ।ଯାହା ଫଳରେ ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚ଼ନରେ ଜନତା ସତ୍ୟର ସାଥି ହୋଇ ବିଜେପିକୁ ଭୋଟ ଦେଇ ବିଜେଡି ଆଉ ସମୀରକୁ କୁଶଭଦ୍ରା ନଦୀକୁ ଫୋପାଡ଼ି ଦେବେ ବୋଲି କହିଥିଲେ ।ଏହି ଜନ ଆକ୍ରୋଶ ଆନ୍‌ଦୋଳନରେ ବିଜେପି ନେତ୍ରୀ ପ୍ରଭାତୀ ପରିଡା,ଯୁବନେତା ଦିଲ୍ଲୀପ ନାୟକ,ଜିଲ୍ଲା ପରିଷଦ ପ୍ରମୋଦ ରାୟଙ୍କ ସହିତ ଶତାଧିକ କର୍ମୀ ଯୋଗ ଦେଇ ନିମାପଡାର ନୂଆ ବସଷ୍ଟାଣ୍ଡରୁ ଏକ ବିଶାଳ ପଟୁଆରରେ ବ୍ଲକ ଛକ ଯାଏ ଆସି ବ୍ଲକ ଘେରାଉ କରିବା ସହିତ ଗେଟକୁ ଭାଙ୍ଗି ବ୍ଲକ ଭିତରକୁ ଧସେଇ ପଶିଥିଲେ ।

## ଶାସନ ବିକାଶରେ ବାର୍ଷିକୋତ୍ସବ 'ପରିକ୍ରମା-୨୦୨୩'

ସମ୍ବଲପୁର, ଶାସନ, (ପି.ଏନ): ଶାସନସ୍ଥିତ ବିକାଶ ପରିସରରେ ଶନିବାର ବିକାଶ ଅନୁଷ୍ଠାନ ସମୂହ, ସମ୍ବଲପୁରର ୧୩ତମ ବାର୍ଷିକୋତ୍ସବ 'ପରିକ୍ରମା' ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ବେଦ ମନ୍ତ୍ର ଉଚ୍ଚାରଣ ସହିତ ପୁଷ୍ପମାଲ୍ୟାର୍ପଣ କରାଯାଇ ମଙ୍ଗଳ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ପ୍ରାରମ୍ଭିକ ନୃତ୍ୟ ପରିବେଷିତ ହୋଇଥିଲା। ସିନିୟର ସେକଣ୍ଡାରୀ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍‌ସେଲର୍ ପ୍ରଫେସର ଡ. ବିଧୁ ଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଶିକ୍ଷାନୀତିର ପ୍ରୟୋଗ କରି ଛାତ୍ରଛାତ୍ରୀମାନେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିପାରିବେ ବୋଲି ବକ୍ତବ୍ୟ ଦେଇଥିଲେ। ହୀରାକୁଦ ହିଣ୍ଡାଲକୋ ସ୍ମେଲଟର୍ ପ୍ଲାଂଟ୍‌ର ମୁଖ୍ୟ ଶ୍ରୀଯୁକ୍ତ ଦେବାଶିଷ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ ସଂପୃକ୍ତି ରହିବା ଉଚିତ ବୋଲି ତାଙ୍କ ବକ୍ତବ୍ୟ ରଖିଥିଲେ। ବିକାଶ ଅନୁଷ୍ଠାନ ସମୂହ ସମ୍ବଲପୁରର ଡାଇରେକ୍ଟର ଶ୍ରୀଯୁକ୍ତ ଜି. ରାମକ୍ରିଷ୍ଣା ଯୋଗଦେଇ ବିକାଶ ଅନୁଷ୍ଠାନର ସୁବିଧା ଓ ଉପଲବ୍ଧି ବିଷୟରେ ବିବରଣୀ ଦେଇଥିଲେ। ବିକାଶ ଫାଷ୍ଟ ଷ୍ଟେପ୍ ଅଧ୍ୟକ୍ଷା ଶ୍ରୀମତି ଭି. ଶୈଳଜା, ବିକାଶ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ଶ୍ରୀଯୁକ୍ତ ମନୋରଂଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଯୁକ୍ତ ସଂଜୀବ କୁମାର ବାବୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିକାଶ ଅନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଅନୁଷ୍ଠାନର ସଫଳତା ସହିତ ଆଗାମୀ ଦିନରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଦିଗରେ ଅନେକ ପରିସର ସୃଷ୍ଟି କରିବା ଦିଗରେ ପଦକ୍ଷେପ ନିଆଯାଉଛି ତାଙ୍କ ବକ୍ତବ୍ୟ ରଖିଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ବିଦ୍ୟାଳୟଗୁଡ଼ିକ ହେଉଛି ଛାତ୍ରଛାତ୍ରୀଙ୍କ ନୂତନ ଚିଂାଧାରା ଏବଂ ସୃଜନଶୀଳତା ସୃଷ୍ଟିର କ୍ଷେତ୍ର ବୋଲି ମତ ରଖିଥିଲେ। ବିକାଶ ଗ୍ରୁପ୍‌ର ଡିନ୍ ଶ୍ରୀଯୁକ୍ତ ପିତାମ୍ବର ଦାସ ଯୋଗଦେଇ ବିକାଶ ଫାଷ୍ଟ ଷ୍ଟେପ୍‌ର ପୃଥିବୀ ହାଉସ୍‌କୁ ବେଷ୍ଟ ହାଉସ୍ ଘୋଷଣା କରିଥିବା ବେଳେ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଭି. ଶ୍ରୀନିବାସ ଯୋଗଦେଇ ବିକାଶ କନ୍‌ସେପ୍ଟ ସ୍କୁଲର 'ନିର୍ଭୟା' ହାଉସ୍‌କୁ ବେଷ୍ଟ ହାଉସ୍ ଘୋଷଣା କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଦିବ୍ୟସିଂହ ମହାନ୍ତଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତାରେ ଶୀର୍ଷ ସ୍ଥାନରେ ଥିବା ଛାତ୍ରଛାତ୍ରୀଙ୍କୁ ସ୍ମୃତିଫଳକ ଓ ସାର୍ଟିଫିକେଟ୍ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା।

## ଅଲୋଡା ହେଲେକି ଦିଲ୍ଲୀପ

ନିମାପଡା,(ପି.ଏନ): ନିର୍ବାଚ଼ନ ଯେତିକି ପାଖେଇ ଆସୁଛି ନିମାପଡା ଓ ଗୋପ ବ୍ଲକ ଅଞ୍ଚଳରେ ଉଷ୍ମତା ସେତେ ବଢ଼ି ବଢ଼ି ଚ଼ାଲିଛି ।କିଏ ପାଇବ ନିମାପଡା ନିର୍ବାଚ଼ନ ମଣ୍ଡଳୀର ବିଧାୟକ ଟିକେଟ ସେଥିପାଇଁ ନିମାପଡା ନିର୍ବାଚ଼ନ ମଣ୍ଡଳୀରେ ଚ଼ାଲିଛି ଅଙ୍କ କଷା ।ସବୁ ଦଳର ଆଶାୟୀ ପ୍ରାର୍ଥୀ ମାନେ ନିଜର ସାଙ୍ଗଠନିକ କାର୍ଯ୍ୟ କରୁଥିବା ବେଳେ ଏବେ ନିମାପଡା ନିର୍ବାଚ଼ନ ମଣ୍ଡଳୀରେ ବିଜେପିର କଳି ଦାଣ୍ଡରେ ପଡି ହାଟରେ ଗଡୁଛି ।ବିଜେପିର ନେତ୍ରୀ ପ୍ରଭାତୀ ପରିଡା ଆଉ ଦିଲ୍ଲୀପ ନାୟକଙ୍କ ଭିତରେ ଗୋଷ୍ଠୀ କନ୍ଦଳ କାହାକୁ ବି ଅଛପା ନାହିଁ ।ନୂତନ କରି ବିଜେପିରେ ମିଶିଥିବା ଦିଲ୍ଲୀପ କ୍ଷମତା ପାଇବା ପାଇଁ ପ୍ରଭାତୀଙ୍କ ନେତୃତ୍ୱରେ ବିଜେପିରେ ମିଶିଥିଲେ। କିନ୍ତୁ କ୍ଷମତା ପାଇବା ଲୋଭରେ ପ୍ରଭାତୀଙ୍କୁ କ୍ଷମତା ଶୂନ୍ୟ କରିବା ପାଇଁ ଦିଲ୍ଲୀପ କର୍ମୀ ମାନଙ୍କୁ ନେଇ ଏକ ସମାନ୍ତରାଳ ସଂଗଠନ କରିବା ସହିତ ଭିତରେ ବିଜେପିକି ଦୁଇ ଭାଗ କରିବା ନେଇ ଚ଼ର୍ଚ୍ଚା ଜୋର ଧରି ଆସୁଥିଲା। ଏମିତିକି ଦିଲ୍ଲୀପ ବିଜେପିକୁ ଦୁଇ ଭାଗ କରି ନିଜର ପତିଆର ଜାହିରି କରିବା ସହିତ ନିଜର ଏକ ସ୍ୱତନ୍ତ୍ର ପରିଚ଼ୟ ସୃଷ୍ଟି କରିବା ପାଇଁ ପ୍ରତେକ ଥର ଏକ ମିଛ ମିଶ୍ରଣ ପର୍ବ କରି ବିଜେପିରେ ଅନେକ ଲୋକ ମିଶିଲେ ବୋଲି ପ୍ରହସନ କରି ଆସୁଥିବା ନିମାପଡାରେ ଚ଼ର୍ଚ୍ଚା ଜୋର ଧରିଛି। ଏମିତିକି ଦିଲ୍ଲୀପ କ୍ଷମତା ପାଇବା ଲୋଭରେ ମିଶ୍ରଣ ପର୍ବର ପୋଷ୍ଟରରୁ ପ୍ରଭାତୀଙ୍କୁ ହଟେଇ ନିଜ ଫୋଟୋ ଲଗାଇ ଅନେକ ଗୁପ୍ତ ବୈଠକ କରି ଆସୁଥିବା କଥା ଅନେକ ଗଣମାଧ୍ୟମରେ ପ୍ରକାଶିତ ହେବା ଦେଖିବାକୁ ମିଳିଛି ।ଦିଲ୍ଲୀପ ନାୟକ ଏମିତି କଲେ କାଳେ ରାଜ୍ୟ ବିଜେପି ସଭାପତି ଖୁସି ହେବା ସହିତ କ୍ଷମତା ମିଳିଯିବ ସେଥିପାଇଁ ଅନେକ ମିଶ୍ରଣ ପର୍ବ କରି ନିଜ ନେତୃତ୍ୱରେ ଅନେକ ଲୋକ ବିଭିନ୍ନ ଦଳ ଛାଡି ବିଜେପିରେ ମିଶିଲେ ବୋଲି ଦେଖେଇ ହଉଥିବା ସହିତ ଦିଲ୍ଲୀପ୍ ନିଜକୁ ସର୍ବେ ? ସର୍ବା ଭାବି ନେଉଥିଲେ ।ଏମିତିକି ଦିଲ୍ଲୀପ ଏପରି କାମ କରି ପ୍ରଭାତୀଙ୍କୁ ପଛରେ ପକାଇ ବିଜେପିର କର୍ମୀ ମାନଙ୍କ ମନରୁ ପ୍ରଭାତୀଙ୍କ ନାମକୁ ହଟେଇବା ସହିତ ପ୍ରଭାତୀଙ୍କର ବିଜେପିରୁ ଅସ୍ତିତ୍ୱ ଲିଭେଇବାକୁ ଚେଷ୍ଟା କରୁଥିଲେ ବୋଲି ଚ଼ର୍ଚ୍ଚା ଜୋର ଧରିଛି ।କିନ୍ତୁ କିଛିଦିନ ତଳେ ପୁରୀ ଜିଲ୍ଲା ବିଜେପି ସଭାପତି ଭାବେ ଆତ ପଟ୍ଟନାୟକଙ୍କ ନାମ ଘୋଷଣା ହେବା ପରେ ଉତରାରୁ ପିପିଲି ଏକ ବିଶାଳ ରାଲି ଆୟୋଜନ କରାଯାଇଥିଲା ଯୋଉଥିରେ ବିଜେପି ରୁ ଅନେକ କର୍ମୀଙ୍କ ସହିତ ଆଗଧାଡିର ନେତା ଆଉ ନେତ୍ରୀ ମାନେ ଯୋଗ ଦେଇଥିଲେ ସେହି ଭିତରେ ନିମାପଡା ବିଜେପିର ଆଗ ଧାଡ଼ିର ନେତ୍ରୀ ଭାବେ ପ୍ରଭାତୀ ପରିଡା ଯୋଗ ଦେଇଥିଲେ ।କିନ୍ତୁ ନିଜକୁ ବିଜେପିର ସର୍ବେ ସର୍ବା ଭାବୁଥିବା ଦିଲ୍ଲୀପ ନାୟକଙ୍କୁ ସେଠି ଦେଖିବାକୁ ମିଳିନଥିଲା। ସେଥିପାଇଁ ଏଇ କଥା ନେଇ ବିଜେପି କର୍ମୀ ମାନେ ଖୁସି ହେବା ସହିତ ଦିଲ୍ଲୀପ୍ ଯୋଉ ଗାତ ପ୍ରଭାତୀଙ୍କ ପାଇଁ ଖୋଳୁଥିଲେ ଏବେ କାଳେ ସେଇ ଗାତରେ ନିଜେ ପଡିବେ ବୋଲି କହିବା ସହ ଦିଲ୍ଲୀପ୍ ଏବେ ବିଜେପିରୁ ଅଲୋଡା ହେଲେ ବୋଲି କହୁଥିବା ଶୁଣିବାକୁ ମିଳୁଛି। ଆଉ କେଇଟା ମାସ ପରେ ସାଧାରଣ ନିର୍ବାଚ଼ନ ଅନୁଷ୍ଠିତ ହେବ। ଏଥିପାଇଁ ସବୁଦଳ ନିଜ ନିଜର ପ୍ରସ୍ତୁତି ଆରମ୍ଭ କରିଦେଲେଣି ।ନିମାପଡା ଗୋପ ବ୍ଲକ ଅଞ୍ଚଳର ଭୋଟର ମାନେ ପରିବର୍ତ୍ତନର ସ୍ୱର ଚ଼ାହୁଁଥିବା ବେଳେ,କିଭଳି ଭୋଟରଙ୍କୁ ପାଲରେ ପକାଇବେ ସେଥିପାଇଁ କୁଚ଼କ୍ରୀ ଗୋଷ୍ଠୀଙ୍କ ଦ୍ୱାରା ଲୋକଙ୍କୁ ଲାଳାୟିତ କରିବା ପାଇଁ ଦିଲ୍ଲୀପ ଲାଗି ପଡିଛନ୍ତି ।ଦିଲ୍ଲୀପ ଗତ ନିର୍ବାଚ଼ନରେ ସ୍ୱାଧୀନରୁ ଠିଆ ହେବା ନେଇ ପ୍ରଚ଼ାର ପ୍ରସାର କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ କଂଗ୍ରେସକୁ ଲମ୍ଫ ପ୍ରଦାନ କରି କଂଗ୍ରେସ ର ବିଧାୟକ ଟିକେଟକୁ ହାତେଇ ନେଇଥିଲେ ।ଖାଲି ଟିକେଟ ପାଇଲେ ନେତା ହୋଇଯାନ୍ତି ତାହା ନୁହେଁ ଏ କଥା ଜନସାଧାରଣ ଦିଲ୍ଲୀପଙ୍କୁ ଗତ ନିର୍ବାଚ଼ନରେ ବୁଝାଇ ଦେଇଥିଲେ। ଯାହା ଦ୍ୱାରା ଗତ ନିର୍ବାଚ଼ନ ରେ ଦିଲ୍ଲୀପଙ୍କୁ ପରାଜୟର ସ୍ୱାଦ ଚ଼ାଖିବାକୁ ପଡିଥିଲା ।ଶେଷରେ ପରାଜୟ ପରେ ଦିଲ୍ଲୀପ ନିଜ ସ୍ୱାର୍ଥ ଦୃଷ୍ଟିରୁ ବିଜେପି ପୁରାତନ ନେତ୍ରୀ ପ୍ରଭାତୀଙ୍କ ନେତୃତ୍ୱରେ କଂଗ୍ରେସ ଛାଡି ବିଜେପିରେ ମିଶି ଥିଲେ। କିନ୍ତୁ ପ୍ରଭାତୀ ଜାଣିନଥିଲେ ସେତେବେଳେ ମିଶିଥିବା ଦିଲ୍ଲୀପ ଏବେ ନିଜ ପାଇଁ ଅଡୁଆ ସୁତାର ଖିଅ ପରି ନିଜ ବେକରେ ଛନ୍ଦି ହେଇଯିବେ ବୋଲି। ଯିଏ ଦିଲ୍ଲୀପଙ୍କୁ ହାତ ଧରି ବିଜେପିରେ ମିଶାଇଥିଲେ ତାଙ୍କୁ ଭୁଲିଯାଇ ତାଙ୍କ ବିରୁଦ୍ଧରେ ଆଉ ଏକ ସଂଗଠନ ସୃଷ୍ଟି କରିବା ସହିତ ଏକା ଏକା କର୍ମୀ ମାନଙ୍କୁ ନେଇ ବୈଠକ କରିବା ଏହା କର୍ମୀ ମାନଙ୍କ ମହଲରେ ଅସନ୍ତୁଷ୍ଟ ପ୍ରକାଶ ପାଇଛି। ଯାହାଦ୍ୱାରା ବିଜେପିର କର୍ମୀ ମାନେ ଓ ଦଳର ତୁଙ୍ଗ ନେତା ମାନେ ନିର୍ବାଚ଼ନ ସମୟରେ ଦିଲ୍ଲୀପଙ୍କୁ ପାନେ ଦେବାକୁ ନିଷ୍ପତି ନେଇଥିବା କୁହା କୁହି ହେବା ସହିତ ଦିଲ୍ଲୀପଙ୍କୁ ସ୍ୱାର୍ଥପର ଓ ନାଟକବାଜି ନେତା ବୋଲି କହିବାରେ ଲାଗିଛନ୍ତି। ତା ସହିତ ଯାହା ନେତୃତ୍ୱରେ ବିଜେପିରେ ମିଶି ଦିଲ୍ଲୀପ ନିଜର ରାଜନୀତିର କ୍ୟାରିଅରକୁ ଆଗକୁ ନେବା ପାଇଁ ଚେଷ୍ଟା କରିଥିଲେ ତାକୁ ତା ଅଜାଣତରେ ପଛପଟୁ ଛୁରୀ ମାରିବା ଏହା କର୍ମୀଙ୍କ ମହଲରେ ଅସନ୍ତୁଷ୍ଟ ପ୍ରକାଶ କରିବା ସହିତ ଏବେ ନୂତନ କରି ହୋଇଥିବା ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ପାଇଁ ଓ ବିଜେପି ପାଇଁ ଦିଲ୍ଲୀପ ଏବେ ଅଲୋଡା ବୋଲି ଚ଼ର୍ଚ୍ଚା ଜୋର ଧରିବା ସହିତ ଦିଲ୍ଲୀପ ଜେଉଁ ମିଶ୍ରଣ ପର୍ବ ର ନାଟକ କରୁଥିଲେ ତାକୁ ଏବେ ଆଉ ଦିଲ୍ଲୀପ ନକରି ସାଧାରଣ କର୍ମୀ ହିସାବ ରେ ରହିବା ପାଇଁ କାଳେ ଉପର ମୁଣ୍ଡରୁ କୁହା ଯାଇଛି ବୋଲି ନିମାପଡା ଗୋପ ରେ ଚ଼ର୍ଚ୍ଚା ଜୋର ଧରିଛି। ସେଥିପାଇଁ ବୋଧେ ଦିଲ୍ଲୀପ ମିଶ୍ରଣ ପର୍ବ କରୁନଥିବା ସହିତ ଆଉ ଦିଲ୍ଲୀପଙ୍କ ନିମାପଡା ଗୋପ ରେ ଆଗଭଳି ଆଉ ଦେଖିବାକୁ ମିଳୁନଥିବା କାରଣରୁ ଦିଲୀପ ଏବେ ବିଜେପି ପାଇଁ ଅଲୋଡା ବୋଲି ସାଧାରଣରେ ଚ଼ର୍ଚ୍ଚା ଜୋର ଧରିଛି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
• Surveillance through CCTV Camera • Small Classes • Congenial Environment • Intimate, Safe & Secured Place • Experienced & loving teachers • Individual attention to each child • Spacious Playground • AC Activity Room • Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray